# ଜଙ୍ଗଲ ଅଧିକାର କମିଟି

## ଗଠନର ପ୍ରଣାଳୀ

ପ୍ରଥମ ଭାଗ

## ପାଠକ/ପାଠିକାଙ୍କୁ ପଦେ

ଆପଣମାନେ ଜାଣନ୍ତି ଯେ, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଜଙ୍ଗଲ ଉପରେ ଥିବା ଅଧିକାରଗୁଡ଼ିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାର "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬" ପ୍ରଣୟନ କରିଛନ୍ତି । ଉକ୍ତ ଆଇନ୍‌ରେ ଥିବା ବିଧିବ୍ୟବସ୍ଥାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରିବା ପାଇଁ "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ – ୨୦୦୭" ନାମକ ଏକ ନିୟମ ମଧ୍ୟ ପ୍ରଣୟନ କରିଛନ୍ତି । ଉଭୟ ଆଇନ ଓ ନିୟମ ଚଳିତବର୍ଷ ପ୍ରଥମ ଦିବସ ଅର୍ଥାତ୍ ୧ ଜାନୁଆରୀ ୨୦୦୮ରୁ ସାରା ଦେଶରେ (ଜାମ୍ମୁ ଓ କାଶ୍ମୀର ବ୍ୟତିତ) ଲାଗୁ ହୋଇଛି ।

ଜଙ୍ଗଲ ହେଉଛି, ରାଷ୍ଟ୍ରର ସଂପତ୍ତି । ରାଷ୍ଟ୍ରର ବିନାନୁମତିରେ ଜଙ୍ଗଲ ମଧ୍ୟକୁ କେହି ପ୍ରବେଶ ଅବା ବ୍ୟବହାର କରିପାରିବ ନାହିଁ – ଏହା ଥିଲା ବ୍ରିଟିଶ୍ ଶାସନ କାଳରେ ବିଧିବ୍ୟବସ୍ଥା । ସେହି ସମୟରେ ଜଙ୍ଗଲ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଭାରତର କୋଣଅନୁକୋଣରେ ବିଦ୍ରୋହର ନିଆଁ ଜଳିଉଠିଥିଲା । ଆମ ରାଜ୍ୟ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନିଥିଲା । କଳାହାଣ୍ଡି ଗଡ଼ଜାତର "କନ୍ଧମେଳି", ରଣପୁର ଓ ଢେଙ୍କାନାଳ ଗଡ଼ଜାତ ରାଜ୍ୟର "ପ୍ରଜାମେଳି", କେନ୍ଦୁଝରଗଡ଼ର "ଭୂୟାଁ ମେଳି" ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଜାମାନେ ଆନ୍ଦୋଳନ କରିଥିଲେ ଏବଂ ପ୍ରାଣବଳୀ ମଧ୍ୟ ଦେଇଥିଲେ ।

ଯଦିଓ ଆମ ଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନତା ପାଇଥିଲା, କିନ୍ତୁ ଗୋରା ସରକାର କରିଯାଇଥିବା ଆଇନ୍‌କାନୁନ୍‌ରୁ ପ୍ରଜାମାନଙ୍କୁ ମୁକ୍ତି ମିଳିନଥିଲା । ବରଂ ସ୍ୱାଧିନତା ପରେ ଜଙ୍ଗଲ ଆଇନ୍‌କାନୁନ୍‌କୁ ଆହୁରି କଡ଼ାକଡ଼ି କରିଦିଆଯାଇ, ବ୍ରିଟିଶ୍ ସମୟରେ ପ୍ରଜାମାନଙ୍କର ଯାହାବି ଟିକକ ସତ୍ୱ ଥିଲା, ତାହାକୁ ଅନ୍ୟାୟ ଭାବେ କାଢି ନିଆଯାଇଥିଲା । ଜଙ୍ଗଲ ଜମିରେ ବସବାସ କରୁଥିବା ଗରିବ ଆଦିବାସୀ ତଥା ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନଙ୍କୁ "ଜବରଦଖଲକାରୀ"ର ଆଖ୍ୟା ଦେଇ, ସେମାନଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ କରିବା ନିମନ୍ତେ ୨୦୦୨ ମସିହାରେ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଉକ୍ତ ପତ୍ରରେ ମଧ୍ୟ ଉଲ୍ଲେଖ କରାଯାଇଥିଲା, ଯଦି କୌଣସି ସରକାରୀ କର୍ମଚାରୀ ଆଦେଶନାମାର ଖିଲାପ କରନ୍ତି, ତାହାହେଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କେନ୍ଦ୍ର ସରକାରଙ୍କ ଏହି ଆଦେଶନାମା ସେତେବେଳେ ରାଜ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ସର୍ବପ୍ରଥମେ ଓଡ଼ିଶାର ମାଟିରେ ଆରମ୍ଭ ହୋଇଥିଲା ଉକ୍ତ ଆଦେଶନାମା ବିରୁଦ୍ଧରେ ସ୍ୱର ଯାହାକି ପରବର୍ତ୍ତୀ ସମୟରେ ସମଗ୍ର ଦେଶକୁ ପରିବ୍ୟାପ୍ତ ହୋଇଥିଲା । ଏପରିକି ଆମ ରାଜ୍ୟ ସରକାର ଏହି ଆଦେଶନାମା ବିରୁଦ୍ଧରେ ଦେଶର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । ଯାହାବି ହେଉ, ପରିଶେଷରେ କେନ୍ଦ୍ର ସରକାର ଜଙ୍ଗଲ ଜମି ମଧ୍ୟରେ ବସବାସ କରୁଥିବା ଓ ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇ ଚଳୁଥିବା ଲୋକମାନଙ୍କର ପୂର୍ବର ଥିବା ଅଧିକାରକୁ ଆଇନଗତ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬" ପ୍ରଣୟନ କରିଛନ୍ତି । ଯଦିଓ ଏହି ଆଇନ୍‌ଟି ୨୦୦୬ ମସିହା ଡ଼ିସେମ୍ବର ମାସ ୧୯ ତାରିଖରେ ପାର୍ଲିଆମେଣ୍ଟର

ଉଭୟଗୃହରେ ଅନୁମୋଦିତ ହୋଇ ୨୯ ଡ଼ିସେମ୍ବର ୨୦୦୬ରେ ଭାରତର ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିଲା, କିନ୍ତୁ କେତେକ କାରଣବଶତଃ ସାରା ଦେଶରେ ତତ୍‌କ୍ଷଣାତ୍ ଲାଗୁ ହୋଇପାରିନଥିଲା । ବିଳମ୍ବରେ ହେଲେ ମଧ୍ୟ ଏହି ଆଇନ୍‌ଟି ଚଳିତବର୍ଷର ପ୍ରଥମ ଦିବସରେ ଅର୍ଥାତ୍ ୨୦୦୮ ମସିହା ଜାନୁଆରୀ ମାସ ୧ ତାରିଖରୁ ଏହି ଆଇନ୍ ସମଗ୍ରଦେଶରେ (ଜାମ୍ମୁ ଓ କାଶ୍ମୀର୍ ବ୍ୟତିତ) ଲାଗୁ ହୋଇଛି ।

ଏହି ଆଇନ୍ ଓ ତତ୍‌ସଂମ୍ପର୍କୀତ ନିୟମ ସାରା ଦେଶରେ ଲାଗୁ ହେବା ପରେ, ଆମ ଦେଶର ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟର ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଏହି ନିକଟରେ କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ତରଫରୁ ମଧ୍ୟ ସମରୂପକ ଅନୁରୋଧ ପତ୍ର ସମସ୍ତ ରାଜ୍ୟ ସରକାରମାନଙ୍କ ନିକଟକୁ ପଠାଯାଇଥିଲା, ଯେଉଁଥିରେ ଏକ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟକୁ ସମାପନ କରିବା ପାଇଁ ଉଲ୍ଲେଖ କରାଯାଇଅଛି ।

ପ୍ରଣୀତ ଆଇନ୍ ଓ ନିୟମରେ ଥିବା ବ୍ୟବସ୍ଥାକୁ ଆଧାର କରି ଆମ ରାଜ୍ୟ ସରକାର ଫେବୃଆରୀ-୧, ୨୦୦୮ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମାରେ ମୁଖ୍ୟତଃ ଭାବେ ପ୍ରଣୀତ ଆଇନ୍ ଓ ନିୟମରେ ଉଲ୍ଲେଖ ଥିବା ବିଭିନ୍ନ ସ୍ତରୀୟ କମିଟି ଗଠନ କରିବା ସହ ଉକ୍ତ କମିଟିଗୁଡ଼ିକର ଭୂମିକା ଓ କାର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ଫେବୃଆରୀ ୧୫ ତାରିଖରେ ସମସ୍ତ ଜିଲ୍ଲାପାଳମାନଙ୍କୁ ଯଥାଶୀଘ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଇତି ମଧ୍ୟରେ ରାଜ୍ୟ ସରକାର "ଜଙ୍ଗଲ ଅଧିକାର କମିଟି" ଗଠନ ମାଧ୍ୟମରେ ଜଙ୍ଗଲ ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରିବାକୁ ଆରମ୍ଭ କରିଛନ୍ତି । ସେଥିପାଇଁ ମାର୍ଚ୍ଚ ମାସ ୧୬ ଓ ୨୩ ତାରିଖ ଧାର୍ଯ୍ୟ କରାଯାଇଛି । ଏ ସଂମ୍ପର୍କରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ୨୧ ଓ ୨୬ ତାରିଖରେ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ପତ୍ର ପଠାଯାଇଛି । ଏତଦ୍‌ବ୍ୟତିତ ରାଜ୍ୟରେ ପ୍ରକାଶ ପାଉଥିବା ପ୍ରମୁଖ ଖବରକାଗଜ ମଧ୍ୟରୁ ଦୁଇଟି ଖବରକାଗଜରେ (ସମ୍ବାଦ ଓ ସମାଜ, ୨୯.୦୨.୨୦୦୮) ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ବିଜ୍ଞାପନ ଜାରି କରିବା ସହ ଟିଭିରେ ମଧ୍ୟ ବିଜ୍ଞାପନ ଜାରି ରଖିଛନ୍ତି ।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞାପନରେ ଉଲ୍ଲେଖ କରାଯାଇଥିବା ବିଷୟବସ୍ତୁ ଆହୁରି ସରଳ କରିବା ନିମନ୍ତେ, ଏହି ଛୋଟ ଲେଖାକୁ ପ୍ରସ୍ତୁତ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ପ୍ରଣୀତ ଆଇନ୍ ଓ ନିୟମକୁ ସଠିକ୍ ଭାବେ ଲାଗୁ କରିବା ପାଇଁ ଚଳିତ ବର୍ଷ ଜାନୁଆରୀ ମାସ ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ 'ବସୁନ୍ଧରା' ଅନୁଷ୍ଠାନ ପକ୍ଷରୁ ଏକ ଲେଖାଶାଳା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଙ୍ଗଲ ସୁରକ୍ଷା କରୁଥିବା ଗୋଷ୍ଠୀ, ଅଭୟାରଣ୍ୟ ଅଞ୍ଚଳରେ ବସବାସ କରୁଥିବା ଲୋକ, ପ୍ରମୁଖ ସାମାଜିକ ସଂଗଠନଗୁଡ଼ିକର ପ୍ରତିନିଧି, ଆଇନ୍ ବିଶାରଦ ତଥା ଗବେଷକମାନେ ଏକାଠି ହୋଇ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି । ଏହି ଲେଖାଟି ଉକ୍ତ ମାର୍ଗଦର୍ଶିକାର ଏକ ଅଂଶ ବିଶେଷ ଅଟେ । ଆଶା, ଏହି ଲେଖାଟି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଆଗେଇ ଆସିଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କୁ ସହାୟତା ଯୋଗାଇବ । ଏଥିସହ ଅନୁରୋଧ କରୁକି, ଯଦି ଲେଖା ସମ୍ପର୍କୀତ କିଛି ମତାମତ ଆପଣଙ୍କର ଥାଏ, ତାହାହେଲେ, ଆମକୁ ଜଣାନ୍ତୁ, ଯଦ୍ୱାରା ପୂର୍ଣ୍ଣାଙ୍ଗ ମାର୍ଗଦର୍ଶିକା ପ୍ରସ୍ତୁତ କ୍ଷେତ୍ରରେ ସାହାଯ୍ୟ କରିବ ।

# ବିଷୟବସ୍ତୁ


ପୃଷ୍ଠଭୂମି

## ପ୍ରଥମ ଅଧ୍ୟାୟ:

- "ଗ୍ରାମସଭା"ର ଅର୍ଥ ହେଉଛି "ପଲ୍ଲୀସଭା"
- ଜଙ୍ଗଲ ଗ୍ରାମରେ ପଲ୍ଲୀସଭା ଅନୁଷ୍ଠିତ ହୋଇପାରିବ
- ପଲ୍ଲୀସଭା ପାଇଁ ଆବଶ୍ୟକୀୟ କୋରମ୍
- ଗ୍ରାମପଞ୍ଚାୟତର ଦାୟିତ୍ୱ
- ଜଙ୍ଗଲ ଅଧିକାର କମିଟି କ'ଣ
- କେତେଜଣ ସଭ୍ୟା/ସଭ୍ୟଙ୍କୁ ନେଇ ଏହି କମିଟି ଗଠିତ ହୋଇପାରିବ ଏବଂ ଏଥିରେ କେଉଁମାନେ ସଦସ୍ୟ ରହିପାରିବେ ?

## ଦ୍ୱିତୀୟ ଅଧ୍ୟାୟ

- ଜଙ୍ଗଲ ଅଧିକାର କମିଟିର ଗଠନ ପକ୍ରିୟା
  - ଜଙ୍ଗଲ ଅଧିକାର କମିଟି ଗଠନ ହେବା ପୂର୍ବର କାର୍ଯ୍ୟ
  - ଜଙ୍ଗଲ ଅଧିକାର କମିଟି ଗଠନ ହେବା ଦିବସର କାର୍ଯ୍ୟ

## ତୃତୀୟ ଅଧ୍ୟାୟ

- ଜଙ୍ଗଲ ଅଧିକାର କମିଟି ଗଠନ ବୈଠକରେ ଯୋଗଦେବାକୁ ଥିବା
  - ସରକାରୀ କର୍ମଚାରୀଙ୍କ ଦାୟିତ୍ୱ
  - ସହାୟିକା/ସହାୟକଙ୍କର ଦାୟିତ୍ୱ

## ଅନ୍ୟାନ୍ୟ

- ସାରଣୀ - କ
- ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞାପନ
- ବିଶେଷ ସୂଚନା
- ଲେଖିକା/ଲେଖକ ବୃନ୍ଦଙ୍କ ନାମ

## ପୃଷ୍ଠଭୂମି:

ଏହି ନିକଟରେ ରାଜ୍ୟ ସରକାର ପଲ୍ଲୀସଭା ମାଧ୍ୟମରେ 'ଜଙ୍ଗଲ ଅଧିକାର କମିଟି' ଗଠନ କରିବା ପାଇଁ ତା୨୬.୦୨.୨୦୦୮ ରିଖରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉକ୍ତ ନିର୍ଦ୍ଦେଶନାମା ଅନୁସାରେ ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ସମସ୍ତ ସ୍ଥାନରେ ପଲ୍ଲୀସଭା ଅନୁଷ୍ଠିତ ହୋଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ । ପ୍ରଥମ ପର୍ଯ୍ୟାୟ ପଲ୍ଲୀସଭା ମାର୍ଚ୍ଚ ୧୬ ଓ ଦ୍ୱିତୀୟ ପର୍ଯ୍ୟାୟଟି ୨୩ ତାରିଖରେ ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତୀୟ ସରକାରୀ ନିର୍ଦ୍ଦେଶନାମା ସମସ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ବ୍ଲକ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ପଠାଯାଇଛି, ଯାହାର ଏକ ନକଲ ଏହି ଲେଖା ସହ ସଂଯୁକ୍ତ କରାଯାଇଛି । ଜଙ୍ଗଲ ଅଧିକାର କମିଟି ଗଠନ ପ୍ରଣାଳୀକୁ ନେଇ ବର୍ତ୍ତମାନ ରାଜ୍ୟର ଅନେକ ସ୍ଥାନରେ ବିଭିନ୍ନ ସମସ୍ୟାମାନ ଦେଖାଦେଉଅଛି । ତାହାକୁ ଲକ୍ଷ୍ୟ କରାଯାଇ ପ୍ରସ୍ତୁତ ଦେଉଥିବା ମାର୍ଗଦର୍ଶିକାର ଏକ ଅଧାୟକୁ ଏଠାରେ ଉପସ୍ଥାପନ କରାଯାଇଅଛି ।

ଏହି ପ୍ରଥମଭାଗ ମାର୍ଗଦର୍ଶିକାରେ ତିନୋଟି ଅଧାୟ ରହିଛି । ପ୍ରଥମ ଅଧାୟରେ ଗ୍ରାମସଭା, ଗ୍ରାମର ସଂଜ୍ଞା, ପଲ୍ଲୀସଭା, କୋରମ୍, ଜଙ୍ଗଲ ଅଧିକାର କମିଟି ଓ ତାହାର ସଦସ୍ୟଙ୍କ ସଂଖ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ବେଳେ ଦ୍ୱିତୀୟ ଅଧାୟରେ ଜଙ୍ଗଲ ଅଧିକାର କମିଟିର ଗଠନ ପ୍ରଣାଳୀ ସଂପର୍କରେ ଲେଖାଯାଇଅଛି । ତୃତୀୟ ଅଧାୟରେ ଜଙ୍ଗଲ ଅଧିକାର କମିଟି ଗଠନ ପ୍ରକ୍ରିୟାରେ ସାମିଲ୍ ହେବାକୁ ଥିବା ସରକାରୀ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ସଂଗଠନ ଅବା ବ୍ୟକ୍ତିବିଶେଷଙ୍କର କେଉଁଭଳି ଭୂମିକାରେ ଅବତୀର୍ଣ୍ଣ ହୋଇପାରିବେ, ସେ ସଂପର୍କରେ ଉଲ୍ଲେଖ କରାଯାଇଛି । ଶେଷଭାଗରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞାପନ, ସାରଣୀ, ବିଶେଷ ସୂଚନା ଓ ଲେଖିକା ଓ ଲେଖକଙ୍କ ନାମ ରହିଛି ।

ପ୍ରଣୀତ ଜଙ୍ଗଲ ଅଧିକାର ଆଇନ୍ ଓ ତତ୍ ଅନ୍ତର୍ଗତ ନିୟମ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ଆଧାର କରି ପ୍ରସ୍ତୁତ ହୋଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମ ଦେଶରେ ପ୍ରଣୀତ ହେଉଥିବା ବିଭିନ୍ନ ଆଇନ୍‌କାନୁନ୍‌ଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା । ସେଥିପାଇଁ କେତେକ ସ୍ଥାନରେ ଉପସ୍ଥାପିତ ହୋଇଥିବା ପ୍ରକ୍ରିୟା ଆଇନ୍ ଅବା ନିୟମ ଅବା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇନାହିଁ । **ଲେଖାକୁ ବ୍ୟବହାର କରାଯାଇ କୌଣସି ସରକାରୀ କର୍ମଚାରୀ ଅବା ପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । ଏହି ମାର୍ଗଦର୍ଶିକାଟି କେବଳ ବୁଝିବା ଓ କାର୍ଯ୍ୟକୁ ସରଳ କରିବା ନିମନ୍ତେ ଉଦ୍ଦିଷ୍ଟ ।**

# ପ୍ରଥମ ଅଧ୍ୟାୟ

## ☞ "ଗ୍ରାମସଭା"ର ଅର୍ଥ ହେଉଛି "ପଲ୍ଲୀସଭା":

'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ଓ ତଦ୍ ଅନ୍ତର୍ଗତ ଗଠିତ ନିୟମ ୨୦୦୭ରେ ଜଙ୍ଗଲ ଅଧିକାର ନିର୍ଣ୍ଣୟ କରିବାର ପ୍ରକ୍ରିୟାକୁ ଆରମ୍ଭ କରିବା ନିମନ୍ତେ **"ଗ୍ରାମସଭା"**କୁ କ୍ଷମତା ଦିଆଯାଇଅଛି । ପ୍ରଣୀତ ଆଇନ୍ ଅନୁସାରେ 'ଗ୍ରାମସଭା'ର ଅର୍ଥ ହେଉଛି, **'ଗୋଟିଏ ଗ୍ରାମର ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ ଗ୍ରାମର ସମସ୍ତ ସାବାଳକ ସଦସ୍ୟ ଯୋଗ ଦେଉଥିବେ ।'**

କିନ୍ତୁ ଆମରାଜ୍ୟରେ କାର୍ଯ୍ୟକାରୀ ହେଉଥିବା "ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍, ୧୯୬୪"ରେ ଗ୍ରାମପଞ୍ଚାୟତସ୍ତରୀୟ ବୈଠକକୁ "ଗ୍ରାମସଭା"ର ମାନ୍ୟତା ଦିଆଯାଇଅଛି । ସେହିପରି "ପଲ୍ଲୀସଭା"କୁ ଗାଁ ବୈଠକ ରୁପେ ମାନ୍ୟତା ମିଳିଛି । ଯେହେତୁ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ରେ "ଗ୍ରାମସଭା"ର ଯେଉଁ ଅର୍ଥ ଲେଖାଯାଇଛି, ତାହା ଆମରାଜ୍ୟର "ପଲ୍ଲୀସଭା"ର ଅର୍ଥ ସହ ସମାନ, ତେଣୁ ରାଜ୍ୟ ସରକାର କେବଳ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ ୨୦୦୬ ଓ ତତ୍ ଅନ୍ତର୍ଗତ ପ୍ରଣୀତ ନିୟମ ୨୦୦୭କୁ କାର୍ଯ୍ୟକାରୀ କରିବା ପାଇଁ **"ଗ୍ରାମସଭା"କୁ "ପଲ୍ଲୀସଭା"ର ମାନ୍ୟତା ପ୍ରଦାନ** କରିଛନ୍ତି । **ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ଜାରି କରାଯାଇଥିବା ପତ୍ର (ସଂଖ୍ୟା-୮୫୦୪)ରେ ଲେଖାଯାଇଅଛି ଯେ, 'ଗ୍ରାମସଭା'ର ଅର୍ଥ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଧାରା "୬"ରେ ଥିବା "ପଲ୍ଲୀସଭା" ପ୍ରକାରେ ବୁଝିବା ବିଧେୟ ଅଟେ ।**

## ☞ "ଜଙ୍ଗଲ ଗ୍ରାମ" କିମ୍ବା "ଜଙ୍ଗଲ ଜମିରେ ଥିବା ବସତି" କିମ୍ବା "ପୁରାତନ ବସତି" କିମ୍ବା "ସର୍ବେକ୍ଷଣ ଓ ବନ୍ଦୋବସ୍ତ ହୋଇ ନଥିବା ଗ୍ରାମ" ମଧ୍ୟ ଗୋଟିଏ ଗ୍ରାମ, ତେଣୁ ପଲ୍ଲୀସଭା ସେଠାରେ ହୋଇପାରିବ:

ଆମ ରାଜ୍ୟରେ ତିନି ପ୍ରକାର ଗ୍ରାମ ରହିଛି । ଗୋଟିଏ ପ୍ରକାର ଗ୍ରାମ ହେଉଛି, ରାଜସ୍ୱ ଗ୍ରାମ, ଯାହାକୁ ରାଜ୍ୟ ସରକାର ଗ୍ରାମ ହିସାବରେ ମାନ୍ୟତା ପ୍ରଦାନ କରିଛନ୍ତି । ଦ୍ୱିତୀୟ ପ୍ରକାର ଗ୍ରାମ ହେଉଛି, ଜଙ୍ଗଲ ଗ୍ରାମ ଅବା 'ଟୋଙ୍ଗିଆ ଗାଁ' । ଆମ ରାଜ୍ୟରେ ଏହି ଶ୍ରେଣୀୟ ବହୁତ କମ୍ ସଂଖ୍ୟକ ଗ୍ରାମ ରହିଛି । ସାଧାରଣତଃ, ବ୍ରିଟିଶ୍ ସମୟରେ ଜଙ୍ଗଲ କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ଗ୍ରାମରୁ ଲୋକମାନଙ୍କୁ ଆଣି ବସତି ସ୍ଥାପନ କରାଯାଇଥିଲା । ସେହି ସମୟରେ ତାଙ୍କର ଚଳଣୀ ନିମନ୍ତେ ଘରବାଡ଼ି ତଥା ଚାଷ କାର୍ଯ୍ୟ ପାଇଁ ଜଙ୍ଗଲ ବିଭାଗ ତରଫରୁ କିଛି ଜଙ୍ଗଲ ଜମି ଦିଆଯାଇଥିଲା । ଏତଦ୍ ବ୍ୟତିତ ଜଙ୍ଗଲ ଜମି ମଧ୍ୟରେ ଆହୁରି ଅନେକ ଗ୍ରାମ ଅବା ବସତି ରହିଛି, ଯାହାକି ଆଜିପର୍ଯ୍ୟନ୍ତ ରାଜସ୍ୱ ଗ୍ରାମ ଅବା ଜଙ୍ଗଲଗ୍ରାମର ମାନ୍ୟତା ମିଳିନାହିଁ । ଜଙ୍ଗଲ ଜମିରେ ଏପରି ଗାଁ ଅବା ବସତି ଗଢି ଉଠିବାର ଅନେକ କାରଣ ରହିଛି । ତନ୍ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକ ହେଉଛି, ବ୍ରିଟିଶ୍ ଶାସନ ବିରୁଦ୍ଧରେ ଲଢେଇ, ଜମିଦାର୍‌ମାନଙ୍କ ସ୍ୱେଚ୍ଛାଚରିତା, ସଠିକ୍ ବନ୍ଦୋବସ୍ତର ଅଭାବ, ବନ୍ୟଜନ୍ତୁଙ୍କ ଆକ୍ରମଣ, ରୋଗବ୍ୟାଧି, ମରୁଡ଼ି, ଉନ୍ନୟମମୂଳକ

ଯୋଜନାରୁ ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ସଠିକ୍ ଭାବେ ଥଇଥାନ କରାନଯିବା, ଅଗ୍ନି ଦାଉରୁ ଜଙ୍ଗଲକୁ ରକ୍ଷା କରିବା, ପାରିଧି ଇତ୍ୟାଦି ଅଟେ ।

ଯେହେତୁ ଉକ୍ତ ବସତି/ଗ୍ରାମରେ ଲୋକମାନେ ବସବାସ କରୁଛନ୍ତି, ତେଣୁ ରାଜ୍ୟ ସରକାର ବିଭିନ୍ନ ସମୟରେ ଉକ୍ତ ବସତିଗୁଡ଼ିକୁ ନିକଟସ୍ଥ କୌଣସି ଏକ ରାଜସ୍ୱ ଗ୍ରାମର ପଡ଼ା ରୂପେ ମାନ୍ୟତା ଦେଇ କିଛି କିଛି ସରକାରୀ ବିକାଶମୂଳକ ଯୋଜନାମାନ କାର୍ଯ୍ୟକାରୀ କରିଆସୁଛନ୍ତି । ଏହି ବସତିଗୁଡ଼ିକ ଜଙ୍ଗଲ ଜମି ମଧ୍ୟରେ ଅବସ୍ଥିତ ହେତୁ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ପ୍ରଚଳିତ ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦ ଅନେକ ସମସ୍ୟା ସୃଷ୍ଟି କରୁଅଛି । ଏ ସମସ୍ତ ବିଷୟବସ୍ତୁକୁ ଲକ୍ଷ୍ୟ କରାଯାଇ ପ୍ରଣୀତ ନୂତନ ଆଇନ୍ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬'ରେ ଜଙ୍ଗଲ ଜମି ମଧ୍ୟରେ ଥିବା ସମସ୍ତ ବସତିଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଯାଇଛି । ଏତଦ୍‌ବ୍ୟତିତ ପ୍ରଣୀତ ଆଇନ୍‌ରେ ଥିବା ସମସ୍ତ ବ୍ୟବସ୍ଥାଗୁଡ଼ିକ ଯେପରି ଉକ୍ତ ବସତିଗୁଡ଼ିକରେ ଲାଗୁ ହୋଇପାରିବ ତାହାକୁ ଦୃଷ୍ଟିରେ ରଖାଯାଇ ପ୍ରଣୀତ ଆଇନ୍ ୨୦୦୬ରେ "ଗ୍ରାମ"ର ସଂଜ୍ଞା ମଧ୍ୟରେ ଉକ୍ତ ବସତିଗୁଡ଼ିକୁ ଅର୍ନ୍ତଭୁକ୍ତ କରାଯାଇଅଛି । ନିମ୍ନରେ ତାହାକୁ ଉପସ୍ଥାପନା କରାଯାଇଅଛି:-

**ପ୍ରଥମ ଅଧ୍ୟାୟ - ପ୍ରାଥମିକ**

**ଧାରା - ୨ (ଚ): 'ଜଙ୍ଗଲଗ୍ରାମ' ଅର୍ଥାତ୍ କୌଣସି ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ କାର୍ଯ୍ୟକ୍ରମ ନିମନ୍ତେ ଜଙ୍ଗଲ ମଧ୍ୟରେ ସ୍ଥାପନ କରାଯାଇଥିବା ବସତି କିମ୍ବା ଜଙ୍ଗଲ ସଂରକ୍ଷଣ ପ୍ରକ୍ରିୟାରେ ପରିବର୍ତ୍ତିତ ଜଙ୍ଗଲ ଗ୍ରାମ ଯାହା ଜଙ୍ଗଲ ବନ୍ଦୋବସ୍ତ ହୋଇଥିବା ଗ୍ରାମସମୂହ, ନିର୍ଧାର୍ଯ୍ୟ ଦାବି ଥିବା ଜମି, ସମସ୍ତ ପ୍ରକାରର ଟୋଙ୍ଗିଆ ବସତି ଯେକୌଣସି ନାମର ଗ୍ରାମଖଣ୍ଡ ସହିତ କୃଷି ପାଇଁ ବ୍ୟବହୃତ ଜମି ଏବଂ ଅନ୍ୟାନ୍ୟ ବ୍ୟବହାର ପାଇଁ ସରକାରୀ ଅନୁମୋଦନ ପ୍ରାପ୍ତ ଜମିଗୁଡ଼ିକ ଏହାର ଅନ୍ତର୍ଭୁକ୍ତ ହେବ;**

**ଧାରା - ୨ (ଛ): 'ଗ୍ରାମସଭା'**ର ଅର୍ଥ ହେଉଛି 'ଗୋଟିଏ **ଗ୍ରାମର** ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ **ଗ୍ରାମର** ସମସ୍ତ ସାବାଳକ ସଦସ୍ୟ ଯୋଗ ଦେଉଥିବେ ଏବଂ ଯେଉଁ ରାଜ୍ୟରେ ପଞ୍ଚାୟତ ବ୍ୟବସ୍ଥା ନାହିଁ ସେଠାରେ ପଡ଼ା, ଟୋଲା ଓ ଅନ୍ୟାନ୍ୟ ପାରମ୍ପରିକ ଗ୍ରାମ୍ୟ ଅନୁଷ୍ଠାନ ଓ ନିର୍ବାଚିତ ଗ୍ରାମ କମିଟିଗୁଡ଼ିକୁ ବୁଝାଇବ ଯେଉଁଠାରେ ମହିଳାଙ୍କ ସମ୍ପୂର୍ଣ୍ଣ ତଥା ଅବାଧ ଯୋଗଦାନ ଥିବ';

**ଧାରା - ୨ (ଡ)** 'ଗ୍ରାମ'ର ଅର୍ଥ;

(୧) **ପଞ୍ଚାୟତିରାଜ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ, ୧୯୯୬ର ଧାରା -୪ର ଉପବିଧି (ଖ)ରେ ସୂଚିତ ଗ୍ରାମ; କିମ୍ବା**

(୨) ଅନୁସୂଚିତ ଅଞ୍ଚଳକୁ ବାଦ୍ ଦେଇ ପଞ୍ଚାୟତ ସମ୍ପର୍କୀତ ରାଜ୍ୟ ଆଇନ୍‌ରେ ଗ୍ରାମ ରୂପେ ସୂଚୀତ କୌଣସି ଅଞ୍ଚଳ; କିମ୍ବା

**(ଗ) ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମଭାବେ ବିଜ୍ଞପ୍ତି ହୋଇଛି ବା ହୋଇନାହିଁ; କିମ୍ବା**

(ଘ) ପଞ୍ଚାୟତ ନଥିବା ରାଜ୍ୟଗୁଡ଼ିକ କ୍ଷେତ୍ରରେ, ପାରମ୍ପରିକ ଗ୍ରାମ, ଯେକୌଣସି ନାମରେ ନାମିତ ହୋଇଥିଲେ ମଧ୍ୟ ଗ୍ରାମ ରୂପେ ବିବେଚିତ ହେବ ।

ପ୍ରଣୀତ ଆଇନ୍ ଓ ତଦ୍ ଅନ୍ତର୍ଗତ ଗଠିତ ନିୟମକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଯେଉଁ ବିଜ୍ଞପ୍ତିଗୁଡ଼ିକ ଜାରି କରାଯାଇଅଛି, ସେଥିରେ ଏ ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ନଥିବାରୁ ସେଠାରେ ପଲ୍ଲୀସଭା ଅନୁଷ୍ଠିତ ହୋଇପାରୁନାହିଁ । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ତା୨୧.୨.୨୦୦୮ରିଖରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠି (ସଂଖ୍ୟା-୮୫୦୪)ର ୨ୟ ପାରାରେ ଲେଖାଯାଇଛି ଯେ, **"ଗ୍ରାମସଭା"ର ଅର୍ଥ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ଧାରା "୬"ରେ ଥିବା "ପଲ୍ଲୀସଭା" ପ୍ରକାରେ ବୁଝିବା ବିଧେୟ ।** ଏହାକୁ ଆଧାର କରାଯାଇ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପଲ୍ଲୀସଭାମାନ ଅନୁଷ୍ଠିତ ହେଉଛି ଓ ଜଙ୍ଗଲ ଅଧିକାର କମିଟିମାନ ଗଠନ କରାଯାଉଅଛି କିନ୍ତୁ ଜଙ୍ଗଲ ମଧ୍ୟରେ ଥିବା ବସତିଗୁଡ଼ିକରେ ପଲ୍ଲୀସଭାମାନ ଅନୁଷ୍ଠିତ ହେଉନାହିଁ, ଯେହେତୁ ଏପରି ବସତିକୁ ଗ୍ରାମ ହିସାବରେ ଆମ ରାଜ୍ୟରେ ଧରାଯାଇନାହିଁ ଅବା ମାନ୍ୟତା ଦିଆଯାଇନାହିଁ । କିନ୍ତୁ ପ୍ରଣୀତ ନୂତନ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ଉପରୋକ୍ତ ତିନୋଟି ଉପଧାରାକୁ ଏକାଠି ପଢ଼ିବା ଦରକାର । ଉଦାହରଣ ସ୍ୱରୂପ: ଗ୍ରାମସଭାର ଅର୍ଥ ହେଉଛି 'ଗୋଟିଏ **ଗ୍ରାମର** ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ **ଗ୍ରାମର** ସମସ୍ତ ସାବାଳକ ସଦସ୍ୟ ଯୋଗ ଦେଉଥିବେ', ବର୍ତ୍ତମାନ "ଗ୍ରାମ"ର ଅର୍ଥକୁ ଯଦି ଉକ୍ତ ବାକ୍ୟ ସହ ଯୋଡ଼ାଯାଏ, ତାହାହେଲେ ନିମ୍ନ ପ୍ରକାର ହେବ:

> 'ଗୋଟିଏ **ଗ୍ରାମ [ପଞ୍ଚାୟତିରାଜ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ, ୧୯୯୬ର ଧାରା -୪ର ଉପବିଧି (ଖ)ରେ ସୂଚିତ ଗ୍ରାମ, ଅନୁସୂଚିତ ଅଞ୍ଚଳକୁ ବାଦ୍ ଦେଇ ପଞ୍ଚାୟତ ସମ୍ପର୍କୀତ ରାଜ୍ୟ ଆଇନ୍‌ରେ ଗ୍ରାମ ରୂପେ ସୂଚୀତ କୌଣସି ଅଞ୍ଚଳ, ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମଭାବେ ବିଜ୍ଞପ୍ତି ହୋଇଛି ବା ହୋଇନାହିଁ ]**ର ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ ଗ୍ରାମର ସମସ୍ତ ସାବାଳକ ସଦସ୍ୟ ଯୋଗ ଦେଉଥିବେ' ।

**ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାରେ ଯଦିଓ ଏ ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ନାହିଁ, ତେଣୁ ମୂଳ ଆଇନ୍‌କୁ ଆଧାର କରାଯାଇ, ଜଙ୍ଗଲ ଜମି ମଧ୍ୟରେ ଥିବା ସମସ୍ତ ବସତିରେ ପଲ୍ଲୀସଭା ଅନୁଷ୍ଠିତ ହୋଇପାରିବ ।**

**ଏହି ଆଇନ୍ ପାଇଁ ଗ୍ରାମ କହିଲେ ରାଜସ୍ୱ ଗ୍ରାମ ଓ ଜଙ୍ଗଲ ଜମି ମଧ୍ୟରେ ଥିବା ସମସ୍ତ ପ୍ରକାର ବସତି, ଯେକୌଣସି ନାମରେ ନାମିତ ହେଲେ ମଧ୍ୟ, ତାହା ଗ୍ରାମର ଆଖ୍ୟା ପାଇବ ।**

## ☞ ପଲ୍ଲୀସଭା ପାଇଁ ଆବଶ୍ୟକୀୟ କୋରମ୍:

'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ଓ ତଦ୍ ଅନ୍ତର୍ଗତ ଗଠିତ ନିୟମ ୨୦୦୭ ଅନୁସାରେ ପଲ୍ଲୀସଭା ନିମନ୍ତେ ସର୍ବନିମ୍ନ ଦୁଇ-ତୃତୀୟାଂଶ ସଭ୍ୟା ଓ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ ଅଟେ ।

ଏହାର ଅର୍ଥ ହେଉଛି, ଗୋଟିଏ ଗାଁରେ ବସବାସ କରୁଥିବା ସମସ୍ତ ସାବାଳକର ତିନିଭାଗରୁ ଦୁଇଭାଗ ସଭ୍ୟ ଉପସ୍ଥିତ ଥିଲେ,ପଲ୍ଲୀସଭା ଅନୁଷ୍ଠିତ ହୋଇପାରିବ ।

**ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ତା ୨୧.୨.୨୦୦୮ ରିଖରେ ଜାରି କରାଯାଇଥିବା ପତ୍ର (ସଂଖ୍ୟା – ୮୫୦୪)ରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍, ୧୯୬୪ର ଧାରା "୬"ରେ ଉଦ୍ଦିଷ୍ଟ ପଲ୍ଲୀସଭା ନିମନ୍ତେ କୋରମ୍ ବ୍ୟବସ୍ଥା ଯାହାକି ସମସ୍ତ ସଭ୍ୟ ସଂଖ୍ୟାର ଏକ ଦଶମାଂଶ ଉପସ୍ଥାନ, ଏହି କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ।**

**'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ଓ ତଦ୍ ଅନ୍ତର୍ଗତ ଗଠିତ ନିୟମ ୨୦୦୭ ଅନୁସାରେ ଜଙ୍ଗଲ ଅଧିକାର ସଂମ୍ପର୍କୀତ ଯେକୌଣସି ବିଷୟବସ୍ତୁ ନିମନ୍ତେ ଯେତେଥର ପଲ୍ଲୀସଭା ଅନୁଷ୍ଠିତ ହେବ, ପ୍ରତିଟି ବୈଠକରେ ସର୍ବନିମ୍ନ ଦୁଇ-ତୃତୀୟାଂଶ ସଭ୍ୟା ଓ ସଭ୍ୟ ଉପସ୍ଥିତ ରହିବା ଅତ୍ୟନ୍ତ ଜରୁରୀ ଅଟେ । ଦୁଇ-ତୃତୀୟାଂଶରୁ କମ୍ ସଭ୍ୟା/ସଭ୍ୟ ଉପସ୍ଥିତ ଥିଲେ ଉକ୍ତ ବୈଠକ ଅନୁଷ୍ଠିତ ହୋଇପାରିବ ନାହିଁ ।**

## ☞ ଗ୍ରାମପଞ୍ଚାୟତର ଦାୟିତ୍ୱ:

ସାଧାରଣତଃ ଗ୍ରାମପଞ୍ଚାୟତରେ ତିନି ଜଣ ପ୍ରମୁଖ ଦାୟିତ୍ୱ ବହନ କରିଥାଆନ୍ତି । ସେମାନଙ୍କ ମଧ୍ୟରେ ସରପଞ୍ଚ, ୱାର୍ଡ୍ ମେମ୍ବର ଓ ପଞ୍ଚାୟତ ସେକ୍ରେଟେରୀ ଅନ୍ତର୍ଭୁକ୍ତ ଅଟନ୍ତି । ପ୍ରଣୀତ ଆଇନ୍ ୨୦୦୬, ନିୟମ ୨୦୦୭ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଜଙ୍ଗଲ ଅଧିକାର କମିଟି ଗଠନ କରିବା ସମୟରେ ନିମ୍ନଲିଖିତ କାର୍ଯ୍ୟଭାର ଦିଆଯାଇଛି:-

- **'ସରପଞ୍ଚ'**ଙ୍କ ଦାୟିତ୍ୱ ହେଉଛି, ପଲ୍ଲୀସଭା ନିମନ୍ତେ ନୋଟିସ୍ ଜାରି କରିବା ଓ ଜଙ୍ଗଲ ଅଧିକାର ଆଇନ୍ ସଂପର୍କରେ ଗ୍ରାମପଞ୍ଚାୟତ ଅଧିନରେ ବସବାସ କରୁଥିବା ସମସ୍ତ ଲୋକଙ୍କୁ ସଚେତନ କରିବା ।
- **'ୱାର୍ଡ଼ମେମ୍ବର'**ଙ୍କ ଦାୟିତ୍ୱ ହେଉଛି, ପଲ୍ଲୀସଭା ବୈଠକରେ ଅଧକ୍ଷତା କରିବା ଏବଂ ଜଙ୍ଗଲ ଅଧିକାର ଆଇନ୍ ସଂପର୍କରେ ଗ୍ରାମପଞ୍ଚାୟତ ଅଧିନରେ ବସବାସ କରୁଥିବା ସମସ୍ତ ଲୋକଙ୍କୁ ସଚେତନ କରିବା ।

- **ପଞ୍ଚାୟତ ସେକ୍ରେଟେରୀଙ୍କ** ଦାୟିତ୍ୱ ହେଉଛି, ପଲ୍ଲୀସଭା ଓ ଜଙ୍ଗଲ ଅଧିକାର କମିଟି ବୈଠକର ବିବରଣୀକୁ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇବା ଓ ପଲ୍ଲୀସଭା ଓ ଜଙ୍ଗଲ ଅଧିକାର କମିଟିକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବା ।

## ☞ ଜଙ୍ଗଲ ଅଧିକାର କମିଟି କ'ଣ ?

ଜଙ୍ଗଲ ଅଧିକାର କମିଟି କହିଲେ, 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ ଅନ୍ତର୍ଗତ ଧାରା ୩ (୧) ଅନୁସାରେ ଅନୁଷ୍ଠିତ ହୋଇଥିବା ପଲ୍ଲୀସଭା ବୈଠକରେ ଉପସ୍ଥିତ ଥିବା ସମସ୍ତ ସାବାଳକ ଓ ସାବାଳିକା (୧୮ ବର୍ଷରୁ ଉର୍ଦ୍ଧ)ମାନଙ୍କ ଦ୍ୱାରା ନିର୍ବାଚିତ ଅବା ମନୋନୀତ ଅବା ଚୟନ ହୋଇଥିବା ଏକ କମିଟି, ଯାହାକି ପଲ୍ଲୀସଭା ବୈଠକରେ କ୍ଷମତାପନ୍ନ ହେବା ପରେ ଧାରା ୧୧ ଓ ୧୨ ଅନୁସାରେ କାର୍ଯ୍ୟ କରିବ ।

## ☞ କେତେଜଣ ସଭ୍ୟା/ସଭ୍ୟଙ୍କୁ ନେଇ ଏହି କମିଟି ଗଠିତ ହୋଇପାରିବ ଏବଂ ଏଥିରେ କେଉଁମାନେ ସଦସ୍ୟ ରହିପାରିବେ ?

ଅତିକମ୍‌ରେ ୧୦ ଓ ଅତିବେଶୀରେ ୧୫ ଜଣ ପଲ୍ଲୀସଭାର ସଦସ୍ୟଙ୍କୁ ନେଇ ଏହି କମିଟି ଗଠିତ ହେବ । ଗଠିତ କମିଟିରେ କେତେଜଣ ଆଦିବାସୀ ଓ ମହିଳା ରହିବେ, ସେ ସଂପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମ ୨୦୦୭ରେ ଉଲ୍ଲେଖ କରାଯାଇଅଛି । ସେଥିରେ ଲେଖାଯାଇଛି ଯେ,

- ପଲ୍ଲୀସଭା ଦ୍ୱାରା ନିର୍ବାଚିତ ଅବା ମନୋନୀତ ହୋଇଥିବା ଜଙ୍ଗଲ ଅଧିକାର କମିଟିର ମୋଟ ପ୍ରତିନିଧିଙ୍କ ସଂଖ୍ୟାର –

  ୧. **ଏକ-ତୃତୀୟାଂଶ ଅନୁସୂଚିତ ଜନଜାତି (ଆଦିବାସୀ) ହୋଇଥିବା ଦରକାର ।**

  ୨. **ପୁନଶ୍ଚ ନିର୍ବାଚିତ ଅବା ମନୋନୀତି ପ୍ରତିନିଧିଙ୍କ ମଧ୍ୟରୁ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର ।**

  ୩. **ଯେଉଁଠାରେ ଆଦିବାସୀ ନାହାନ୍ତି, ତାହାହେଲେ ମୋଟ ନିର୍ବାଚିତ ଅବା ମନୋନୀତି ପ୍ରତିନିଧିର ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର ।**

  ୪. **ଯଦି କୌଣସି ଗ୍ରାମରେ ଆଦିମ ଆଦିବାସୀ ସଂପ୍ରଦାୟର ଲୋକ ଥାଆନ୍ତି, ସେମାନଙ୍କର ପ୍ରତିନିଧିତ୍ୱ ମଧ୍ୟ ରହିବ ।**

## ଏହାର ଅର୍ଥ କ'ଣ ?

ପରବର୍ତ୍ତୀ ପୃଷ୍ଠାରେ ତିନୋଟି ଉଦାହରଣ ମାଧ୍ୟମରେ ଉପରେ ଲେଖାଯାଇଥିବା ସଦସ୍ୟା ଓ ସଦସ୍ୟ ସଂଖ୍ୟାର ଅନୁପାତ ସଂପର୍କରେ ଉପସ୍ଥାପନ କରାଯାଇଛି:

### ଉଦାହରଣ – ୧

**ଗ୍ରାମର ନାମ ହେଲା ଗୁରୁପାଙ୍ଗ । ଏହି ଗ୍ରାମଟି ୨୦ଟି ପରିବାରକୁ ନେଇ ଗଠିତ ଓ ସମସ୍ତେ ଅନୁସୂଚିତ ଜନଜାତି(ଆଦିବାସୀ) ସଂପ୍ରଦାୟର ଲୋକ ଅଟନ୍ତି । ଗ୍ରାମରେ ଅନୁଷ୍ଠିତ ପଲ୍ଲୀସଭାରେ ନିଷ୍ପତ୍ତି ନିଆଗଲା ଯେ, ୧୫ ଜଣକୁ ନେଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ ।**

**ଯେହେତୁ ଏହି ଗାଁର ସମସ୍ତ ପରିବାର ଆଦିବାସୀ ଅଟନ୍ତି, ତେଣୁ ଏହି ଗ୍ରାମ କ୍ଷେତ୍ରରେ କେବଳ ଦ୍ୱିତୀୟ ସର୍ତ୍ତଟି (ନିର୍ବାଚିତ ଅବା ମନୋନୀତି ପ୍ରତିନିଧିଙ୍କ ମଧ୍ୟରୁ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର) ଲାଗୁ ହେବ । ଅର୍ଥାତ୍ ନିର୍ବାଚିତ ମୋଟ ୧୫ଟି ପ୍ରତିନିଧିମାନଙ୍କ ମଧ୍ୟରୁ ଅତିକମ୍‌ରେ ୫ ଜଣ ମହିଳା ସଦସ୍ୟା ରହିବା ଆବଶ୍ୟକ ।**

### ଉଦାହରଣ – ୨ :

**ଗ୍ରାମର ନାମ ହେଲା ଲାଇନିଗୁଡ଼ା । ଏହି ଗ୍ରାମଟି ୨୫ଟି ପରିବାରକୁ ନେଇ ଗଠିତ । ୨୫ଟି ପରିବାର ମଧ୍ୟରୁ ୧୦ଟି ପରିବାର ଆଦିବାସୀ ଓ ବଳକା ୧୫ଟି ପରିବାର ହେଉଛନ୍ତି ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଶ୍ରେଣୀର ଅଟନ୍ତି । ଗ୍ରାମରେ ଅନୁଷ୍ଠିତ ପଲ୍ଲୀସଭାରେ ନିଷ୍ପତ୍ତି ନିଆଗଲା ଯେ, ୧୫ ଜଣକୁ ନେଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ ।**

**ଏ କ୍ଷେତ୍ରରେ ଯେହେତୁ ଗାଁରେ ଉଭୟ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଅଛନ୍ତି, ତେଣୁ ପ୍ରଥମ ଓ ଦ୍ୱିତୀୟ ସର୍ତ୍ତଟି ଲାଗୁ ହେବ । ପ୍ରଥମ ସର୍ତ୍ତ ଅନୁସାରେ ୧୫ ଜଣ ପ୍ରତିନିଧିମାନଙ୍କ ମଧ୍ୟରୁ ଅତିକମ୍‌ରେ ୫ ଜଣ ଆଦିବାସୀ ପ୍ରତିନିଧି ରହିବେ । ଅର୍ଥାତ୍ ୫ ଜଣ ଆଦିବାସୀ ଓ ୧୦ ଜଣ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଶ୍ରେଣୀରୁ ପ୍ରତିନିଧିତ୍ୱ କରିବେ ।**

**ଦ୍ୱିତୀୟ ସର୍ତ୍ତ ଅନୁସାରେ ମୋଟ ପ୍ରତିନିଧିର ଏକ-ତୃତୀୟାଂଶ ମହିଳା ହେବା ଦରକାର । ଅର୍ଥାତ୍ ୧୫ ଜଣ ପ୍ରତିନିଧିଙ୍କ ମଧ୍ୟରୁ ଅତିକମ୍‌ରେ ୫ ଜଣ ମହିଳା ସଦସ୍ୟା ରୂପେ ରହିବା ଦରକାର । ଏ କ୍ଷେତ୍ରରେ ଉଭୟ ଗୋଷ୍ଠୀର ନିର୍ବାଚିତ ଅବା ମନୋନୀତ ପ୍ରତିନିଧିମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶ ମହିଳା ହେବା ଦରକାର । ଅର୍ଥାତ୍ ୫ ଜଣ ଆଦିବାସୀ ପ୍ରତିନିଧିମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶ ମହିଳା ଓ ୧୦ ଜଣ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଶ୍ରେଣୀରୁ ଏକ-ତୃତୀୟାଂଶ ମହିଳା । ମୋଟାମୋଟି ଭାବେ କହିବାକୁ ଗଲେ ୫ ଆଦିବାସୀ ପ୍ରତିନିଧି ମଧ୍ୟରୁ ୨ ଜଣ ମହିଳା ଓ ୧୦ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ମଧ୍ୟରୁ ୩ ଜଣ ମହିଳା ହେବା ଦରକାର ।**

### ଉଦାହରଣ – ୩

**ଗ୍ରାମର ନାମ ହରିପୁର । ଏହି ଗ୍ରାମଟି ୨୫ଟି ପରିବାରକୁ ନେଇ ଗଠିତ ଏବଂ ସମସ୍ତ ପରିବାର ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଶ୍ରେଣୀର ଅଟନ୍ତି । ଗ୍ରାମରେ ଅନୁଷ୍ଠିତ ପଲ୍ଲୀସଭାରେ ନିଷ୍ପତ୍ତି ନିଆଗଲା ଯେ, ୧୫ ଜଣକୁ ନେଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ ।**

**ଏ କ୍ଷେତ୍ରରେ ଯେହେତୁ ଗାଁରେ ସମସ୍ତେ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଶ୍ରେଣୀ ଅଧିବାସୀ ଅଟନ୍ତି, ତେଣୁ ଏହି ଗ୍ରାମ ପାଇଁ କେବଳ ତୃତୀୟ ସର୍ତ୍ତଟି (ନିର୍ବାଚିତ ଅବା ମନୋନୀତି ପ୍ରତିନିଧିଙ୍କ ମଧ୍ୟରୁ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର) ଲାଗୁ ହେବ । ଅର୍ଥାତ୍ ନିର୍ବାଚିତ ମୋଟ ୧୫ଟି ପ୍ରତିନିଧିମାନଙ୍କ ମଧ୍ୟରୁ ଅତିକମ୍‌ରେ ୫ ଜଣ ମହିଳା ଥିବେ ।**

# ଦ୍ୱିତୀୟ ଅଧ୍ୟାୟ

# ଜଙ୍ଗଲ ଅଧିକାର କମିଟିର ଗଠନ ପକ୍ରିୟା

ଜଙ୍ଗଲ ଅଧିକାର କମିଟି ଗଠନ ସଂପର୍କରେ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ଓ ତଦ୍ ଅନ୍ତର୍ଗତ ଗଠିତ ନିୟମ ୨୦୦୭ରେ ସବିଶେଷ ଭାବେ ଉଲ୍ଲେଖ କରାଯାଇଅଛି । ରାଜ୍ୟ ସରକାରଙ୍କ ତରଫରୁ ପଞ୍ଚାୟତରାଜ ବିଭାଗର କମିଶନର ତଥା ଶାସନ ସଚିବଙ୍କ ଦ୍ୱାରା ସମସ୍ତ ସରପଞ୍ଚଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିବା ଦୁଇଟି ପତ୍ରରେ (ତା ୨୧.୨.୨୦୦୮ ଓ ୨୬.୨.୨୦୦୮ରିଖ) ମଧ୍ୟ ଉଲ୍ଲେଖ କରାଯାଇଅଛି । ତାହାର ଏକ ସାରମର୍ମ ନିମ୍ନରେ ଉପସ୍ଥାପନ କରାଯାଇଅଛି । ଉପସ୍ଥାପିତ ହୋଇଥିବା ସାରମର୍ମକୁ ମୁଖ୍ୟତଃ ଦୁଇ ଭାଗରେ ଭାଗ କରାଯାଇଅଛି ।

ପ୍ରଥମ ଭାଗରେ ଜଙ୍ଗଲ ଅଧିକାର କମିଟି ଗଠନ ହେବା ପୂର୍ବର କାର୍ଯ୍ୟ ଓ ଦ୍ୱିତୀୟ ଭାଗରେ ଗଠନ ହେବା ଦିବସର କାର୍ଯ୍ୟ ସଂପର୍କରେ କ୍ରମାନୁସାରେ ଉପସ୍ଥାପନ କରାଯାଇଅଛି ।

## ପ୍ରଥମ ଭାଗ: ଜଙ୍ଗଲ ଅଧିକାର କମିଟି ଗଠନ ହେବା ପୂର୍ବର କାର୍ଯ୍ୟ

- ପୂର୍ବ ପୃଷ୍ଠାରେ ଉଲ୍ଲେଖ କରାଯାଇଅଛି ଯେ, ପଲ୍ଲୀସଭା ହିଁ ଜଙ୍ଗଲ ଅଧିକାର କମିଟି ଗଠନ କରିବ । ତେଣୁ ପଲ୍ଲୀସଭା କେଉଁ କେଉଁ ତାରିଖରେ ଏବଂ କେଉଁ ସମୟରେ ଅନୁଷ୍ଠିତ ହେବ, ତାହାର ଏକ ସବିଶେଷ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ରାଜ୍ୟ ସରକାର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ (ବିଡ଼ିଓ) ଦାୟିତ୍ୱ ଦେଇଛନ୍ତି ।

- ରାଜ୍ୟ ସରକାରଙ୍କ ଦ୍ୱାରା ତା ୧୫.୨.୨୦୦୮ରିଖରେ ଜାରି କରାଯାଇଥିବା ପତ୍ରରେ ଲେଖାଯାଇଅଛି ଯେ, ପ୍ରତ୍ୟେକ ମଣ୍ଡଳ ଉନ୍ନୟନ ଅଧିକାରୀ ୧ ମାର୍ଚ୍ଚ ସୁଦ୍ଧା ପଲ୍ଲୀସଭା ସଂପର୍କରେ ଏକ ତାଲିକା ପ୍ରସ୍ତୁତ କରି, ସେହି ମଣ୍ଡଳ ଅଧୀନରେ ଥିବା ସମସ୍ତ ଗ୍ରାମପଞ୍ଚାୟତକୁ ଉକ୍ତ ତାଲିକା ପଠାଇବେ ।

- ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିକା ଗ୍ରାମପଞ୍ଚାୟତର ସରପଞ୍ଚ ପାଇବାପରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ଉକ୍ତ ତାଲିକାକୁ ଗ୍ରାମପଞ୍ଚାୟତର ନୋଟିସ୍ ବୋର୍ଡ଼ରେ ଲଗାଇବେ ଏବଂ ପ୍ରତି ପଲ୍ଲୀସଭା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ ଓ ସମୟ ସଂପର୍କରେ ପ୍ରତି ପଲ୍ଲୀକୁ ନୋଟିସ୍ ମାଧ୍ୟମରେ ଜଣାଇବେ । ଉକ୍ତ ନୋଟିସ୍ କିପରି ଲେଖାଯିବ, ତାହାର ଏକ ନମୁନା ତା ୨୬.୨.୨୦୦୮ରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଚିଠିରେ ସଂଲଗ୍ନ କରାଯାଇଅଛି ।

- ପଲ୍ଲୀସଭା ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖର ଅନ୍ତତଃ ୧୫ ଦିନ ପୂର୍ବରୁ ପ୍ରତ୍ୟେକ ପଲ୍ଲୀରେ ନୋଟିସ୍ ପହଞ୍ଚିବା ବିଧେୟ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ସମସ୍ତ ପଞ୍ଚାୟତରେ ଦୁଇଟି ପର୍ଯ୍ୟାୟରେ ତା ୧୬.୨.୨୦୦୮ ଓ ତା ୨୩.୨.୨୦୦୮ରିଖରେ ସମସ୍ତ ପଲ୍ଲୀସଭା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏ ସଂପର୍କରେ ପଞ୍ଚାୟତିରାଜ ବିଭାଗ ତରଫରୁ ତା ୨୬.୨.୨୦୦୮ରିଖରେ ଜାରି କରାଯାଇଥିବା ପତ୍ର (ସଂଖ୍ୟା-୯୧୫୩)ରେ ଉଲ୍ଲେଖ କରାଯାଇଅଛି

- ନୋଟିସ୍ ବ୍ୟତିତ ପ୍ରତି ପଲ୍ଲୀସଭାକୁ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬" ଓ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ର ପୁସ୍ତିକା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଜାରି କରାଯାଇଥିବା ଚିଠିରେ (ସଂଖ୍ୟା-୬୧୮୨, ତା ୧୫.୨.୨୦୦୮) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି ।

- ପଲ୍ଲୀରେ ବସବାସ କରୁଥିବା ସମସ୍ତ ସାବାଳକ ଓ ସାବାଳିକା ପଲ୍ଲୀସଭା ସଂପର୍କରେ ଯେପରି ଜାଣିପାରିବେ, ସେଥିନିମନ୍ତେ ପଲ୍ଲୀସ୍ତରରେ ପ୍ରଚାରପ୍ରସାର କରାଯିବ । ଏଥିନିମନ୍ତେ ଗ୍ରାମପଞ୍ଚାୟତକୁ ସବ୍-ଡ଼ିଭିଜିନାଲ୍ କମିଟି (ଉପଖଣ୍ଡସ୍ତରୀୟ କମିଟି) ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବ ।

## ଦ୍ୱିତୀୟ ଭାଗ: ଜଙ୍ଗଲ ଅଧିକାର କମିଟି ଗଠନ ହେବା ଦିବସର କାର୍ଯ୍ୟ

- ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଜାରି କରାଯାଇଥିବା ନୋଟିସ୍‌ରେ ଧାର୍ଯ୍ୟ ହୋଇଥିବା ତାରିଖ ଅନୁସାରେ ପଲ୍ଲୀସଭା ଅନୁଷ୍ଠିତ ହେବ ।

- ଏହି ପଲ୍ଲୀସଭାରେ ସଂପୃକ୍ତ ପଲ୍ଲୀର ୱାର୍ଡ଼ମେମ୍ବର ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ କୌଣସି ସରକାରୀ ଅଧିକାରୀ ଯୋଗ ଦେବେ । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ପଲ୍ଲୀସଭା ଯେପରି ଅବାଧ ଓ ମୁକ୍ତରେ ହୋଇପାରିବ, ତାହାର ଦାୟିତ୍ୱ ଉପ-ଖଣ୍ଡସ୍ତରୀୟ କମିଟିକୁ ଦିଆଯାଇଅଛି । ଏହାକୁ ଆଧାର କରି ରାଜ୍ୟ ସରକାର ପ୍ରତି ପଲ୍ଲୀସଭାରେ ଯେପରି ଜଣେ ସରକାରୀ କର୍ମଚାରୀ ଉପସ୍ଥିତ ରହିପାରିବ, ତାହାର ବ୍ୟବସ୍ଥା କରିଛନ୍ତି ।

- ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ଅନୁସାରେ ୱାର୍ଡ଼ମେମ୍ବର ପଲ୍ଲୀସଭା ବୈଠକର ଅଧକ୍ଷତା କରିଥାଆନ୍ତି । ପ୍ରଣୀତ ନିୟମ ୨୦୦୭ରେ ଏ ସଂପର୍କରେ କିଛି ଉଲ୍ଲେଖ କରାଯାଇନଥିବାରୁ, ତେଣୁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ଅନୁସାରେ ୱାର୍ଡ଼ମେମ୍ବର ପଲ୍ଲୀସଭା ବୈଠକର ଅଧକ୍ଷତା କରିପାରିବେ । ଅଥବା ବୈଠକରେ ଉପସ୍ଥିତ ଲୋକମାନଙ୍କର ସର୍ବସମ୍ମତିକ୍ରମେ ଉକ୍ତ ପଲ୍ଲୀରେ ବସବାସ କରୁଥିବା ଯେକୌଣସି ଲୋକ ବୈଠକର ଅଧକ୍ଷତା କରିପାରିବେ ।

- ବୈଠକର ପ୍ରାରମ୍ଭରେ ସର୍ବପ୍ରଥମେ ପଲ୍ଲୀସଭା ପାଇଁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ କୋରମ୍ ଅନୁସାରେ ଆବଶ୍ୟକ ସଂଖ୍ୟକ ଲୋକ ଯୋଗ ଦେଇଛନ୍ତି ନା ନାହିଁ, ତାହା ଦେଖାଯିବ । ଜଙ୍ଗଲ ଅଧିକାର ଆଇନ୍‌କୁ ଆଧାର କରି ଯେତେଥର ପଲ୍ଲୀସଭା ଅନୁଷ୍ଠିତ ହେବ, ପ୍ରତ୍ୟେକ ଥର ପାଇଁ ମୋଟ ସଦସ୍ୟ ସଂଖ୍ୟାର ଅତିକମ୍‌ରେ ଦୁଇ-ତୃତୀୟାଂଶ ସଦସ୍ୟ ଉପସ୍ଥିତ ରହିବା ଅତ୍ୟନ୍ତ ଜରୁରୀ ଅଟେ । (ପୃଷ୍ଠା-୮ ଦେଖନ୍ତୁ)

- ଏତଦ୍‌ବ୍ୟତିତ କୋରମ୍ ଦେଖାଯିବା ସମୟରେ, ବୈଠକ ହେଉଥିବା ପଲ୍ଲୀସଭାରେ ଯଦି କୌଣସି ଆଦିମ ଆଦିବାସୀ ଅବା ପାରମ୍ପାରିକ ପଶୁପାଳକ ଅବା ଯାଯାବର ସଂପ୍ରଦାୟ ଅବା ପ୍ରାକ୍-କୃଷିଜୀବିର ଗୋଷ୍ଠୀ ବସବାସ କରୁଛନ୍ତି, ସେମାନେ ଉକ୍ତ ବୈଠକରେ ଉପସ୍ଥିତ ହୋଇଛନ୍ତି ନା ନାହିଁ, ତାହାକୁ ମଧ୍ୟ ଦେଖାଯିବ । ଯଦି

ସେମାନେ ଉପସ୍ଥିତ ନଥାଆନ୍ତି, ସେମାନେ ଯେପରି ଉକ୍ତ ବୈଠକରେ ଉପସ୍ଥିତ ହୋଇପାରିବେ, ତାହା ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି ପ୍ରଣୀତ ନିୟମରେ ଉଲ୍ଲେଖ କରାଯାଇଅଛି ।

- ପଲ୍ଲୀସଭାରେ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬" ଓ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭' ରେ ଥିବା ବିଧିବ୍ୟବସ୍ଥା ସଂପର୍କରେ ବିଶଦ୍‌ଭାବେ ଉପସ୍ଥାପନ କରାଯିବ । ଏହି ଉପସ୍ଥାପନ ଉପସ୍ଥିତ ସରକାରୀ ପ୍ରତିନିଧି ଅବା ଓ୍ୱାର୍ଡ଼ମେମ୍ବର କରିପାରନ୍ତି ।

- ପ୍ରଣୀତ ଆଇନ୍ ଓ ତଦ୍ ଅନ୍ତର୍ଗତ ନିୟମ ସଂପର୍କରେ ଆଲୋଚନା ହେବା ପରେ, ଅନୁଷ୍ଠିତ ପଲ୍ଲୀସଭାରେ "ଜଙ୍ଗଲ ଅଧିକାର କମିଟି" ନିମନ୍ତେ ସଦସ୍ୟା/ସଦସ୍ୟ ଚୟନ ଅବା ମନୋନୟନ କରାଯିବ । ଏହି କମିଟିରେ ଅତିକମ୍‌ରେ ୧୦ ଜଣ ଓ ଅତିବେଶୀରେ ୧୫ ଜଣ ସଦସ୍ୟା/ସଦସ୍ୟ ରହିବେ । ପୁନଶ୍ଚ ସେମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର । (କମିଟିର ସଦସ୍ୟ ସଂଖ୍ୟା ସଂପର୍କରେ ପୃଷ୍ଠା ୯ ଓ ୧୦ରେ ବିଶଦ୍ ଭାବେ ଉପସ୍ଥାପନ କରାଯାଇଅଛି)

- ପଲ୍ଲୀସଭା ବୈଠକରେ ଉପସ୍ଥିତ ଲୋକମାନଙ୍କ ଦ୍ୱାରା ଗଠିତ ଜଙ୍ଗଲ ଅଧିକାର କମିଟିର ସଦସ୍ୟା ଓ ସଦସ୍ୟମାନେ ଏକାଠି ହୋଇ, ଉକ୍ତ କମିଟିର ଅଧକ୍ଷ ଓ ସମ୍ପାଦକ (ସେକ୍ରେଟେରୀ) ଚୟନ କରିପାରନ୍ତି ଅଥବା ପଲ୍ଲୀସଭାରେ ମଧ୍ୟ ମନୋନୀତ କମିଟିର ସଦସ୍ୟା ଓ ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ କମିଟିର ଅଧକ୍ଷ ଓ ଅନ୍ୟ ଜଣଙ୍କୁ ସମ୍ପାଦକ ହିସାବରେ ଚୟନ କରିପାରନ୍ତି ।

- ଯଦି ଜଙ୍ଗଲ ଅଧିକାର କମିଟିର ସଦସ୍ୟା ଓ ସଦସ୍ୟମାନେ ଏକାଠି ହୋଇ କମିଟିର ଅଧକ୍ଷ ଓ ସମ୍ପାଦକ (ସେକ୍ରେଟେରୀ) ଚୟନ କରିଛନ୍ତି, ତେବେ ସେମାନଙ୍କର ନାମ ପଲ୍ଲୀସଭାରେ ଘୋଷଣା କରିବା ଦରକାର ।

- ଜଙ୍ଗଲ ଅଧିକାର କମିଟିର ସଦସ୍ୟା ଓ ସଦସ୍ୟମାନଙ୍କର ଦାୟିତ୍ୱ କ'ଣ ହେବ, ସେ ସଂପର୍କରେ ପ୍ରଣୀତ ନିୟମ ୨୦୦୭ରେ ବିଶଦ୍‌ଭାବେ ଉଲ୍ଲେଖ କରାଯାଇଅଛି । ତାହାକୁ ଆଧାର କରି ପଲ୍ଲୀସଭା ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିପାରିବ । ଯେଉଁଥିରେ କି କମିଟି କି କି କାର୍ଯ୍ୟ କରିବ ଅବା ତାହାର ଦାୟିତ୍ୱ କ'ଣ ହେବ, ସେହି ଖସଡ଼ାରେ ଉଲ୍ଲେଖ କରାଯାଇପାରେ ।

- ପ୍ରସ୍ତୁତ କାର୍ଯ୍ୟ ଖସଡ଼ାକୁ ପଲ୍ଲୀସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହେବା ଅତ୍ୟନ୍ତ ଜରୁରୀ । କାରଣ ଉଭୟ ଆଇନ୍ ଓ ନିୟମରେ ଉଲ୍ଲେଖ କରାଯାଇଅଛି ଯେ, ଜଙ୍ଗଲ ଅଧିକାର କମିଟିକୁ ପ୍ରଣୀତ ନିୟମରେ ଉଲ୍ଲେଖ କରାଯାଇଥିବା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ପଲ୍ଲୀସଭା କ୍ଷମତା ଦେବ । ତାହାପରେ ଜଙ୍ଗଲ ଅଧିକାର କମିଟି ତାହାର କାର୍ଯ୍ୟ କରିପାରିବ ।

- ପ୍ରଥମ ପଲ୍ଲୀସଭାରେ ଜଙ୍ଗଲ ଅଧିକାର କମିଟି କ୍ଷମତାପନ୍ନ ହେବା ପରେ, ଦାବୀଦାର୍‌ମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ – 'କ'ରେ ଦାବୀଦାଖଲ ପାଇଁ ଆହ୍ୱାନ କରିପାରିବ । ପ୍ରଥମ ବୈଠକରେ ଦାବୀ ଆହ୍ୱାନ କରିବା ପ୍ରଣୀତ ଆଇନ୍ ଅବା ନିୟମାନୁସାରେ ବାଧ୍ୟ ନୁହଁ । ଏହି ଆହ୍ୱାନ ଜଙ୍ଗଲ ଅଧିକାର କମିଟିର ପରବର୍ତ୍ତୀ ବୈଠକରେ

ମଧ୍ୟ ହୋଇପାରେ । କିନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପତ୍ର ସଂଖ୍ୟା ୯୧୫୩, ତା ୨୬.୨.୨୦୦୮ରେ ସଂଲଗ୍ନ ହୋଇଥିବା "ଜଙ୍ଗଲ ଅଧିକାର କମିଟି ସଭା"ର ନମୁନାରେ ଏ ସଂପର୍କରେ ଉଲ୍ଲେଖ କରାଯାଇଅଛି । ଏହା ଯେହେତୁ ଏକ ନମୁନା ବୋଲି ସରକାରୀ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଅଛି, ବୈଠକ ସମୟରେ ଏ ସଂପର୍କୀତ ନିଷ୍ପତ୍ତି ନିଆଯାଇପାରେ ।

- ଅନୁଷ୍ଠିତ ପଲ୍ଲୀସଭାର ଏକ ନମୁନା ବିବରଣୀ ରାଜ୍ୟ ସରକାରଙ୍କ ଦ୍ୱାରା ତା ୨୬.୨.୨୦୦୮ରେ ଜାରି କରାଯାଇଥିବା ପତ୍ର ସଂଖ୍ୟା ୯୧୫୩ରେ ସଂଲଗ୍ନ କରାଯାଇଅଛି । ତାହାକୁ ଆଧାର କରି ବିବରଣୀ ଲେଖା ଯାଇପାରେ । ଉକ୍ତ ବିବରଣୀରେ ମୁଖ୍ୟତଃ "ମନୋନୀତ" ଅବା "ଚୟନ" ହୋଇଥିବା ଜଙ୍ଗଲ ଅଧିକାର କମିଟିର ସଦସ୍ୟା ଓ ସଦସ୍ୟମାନଙ୍କର ନାମ ଓ ସଂପୂର୍ଣ୍ଣ ଠିକଣା ରହିବା ଆବଶ୍ୟକ । ଏତଦ୍ ବ୍ୟତିତ ଉକ୍ତ ବିବରଣୀରେ ଜଙ୍ଗଲ ଅଧିକାର କମିଟିର ଅଧକ୍ଷ ଓ ସମ୍ପାଦକଙ୍କ ନାମ, ଉପସ୍ଥିତ ସରକାରୀ କର୍ମଚାରୀଙ୍କ ନାମ, ଠିକଣା ଓ ପଦବୀ ସହ ଦାବୀଦାର୍‌ମାନଙ୍କ ଠାରୁ ଦାବୀ ଗ୍ରହଣ କରିବା, ତାହାକୁ ଯାଞ୍ଚ କରିବା ଓ ଯାଞ୍ଚ ପରେ ଏକ ବିବରଣୀ ପ୍ରସ୍ତୁତ କରି ପଲ୍ଲୀସଭାରେ ଉପସ୍ଥାପନ କରିବା ପାଇଁ ଜଙ୍ଗଲ ଅଧିକାର କମିଟିକୁ କ୍ଷମତା ପ୍ରଦାନ କରାଗଲା ବୋଲି କ୍ଷମତା ପ୍ରଦାନ ଉଲ୍ଲେଖ ରହିବା ଜରୁରୀ ଅଟେ ।

- ଯଦି ପ୍ରଥମ ପଲ୍ଲୀସଭାରେ ଜଙ୍ଗଲ ଅଧିକାର କମିଟିର ସଂପୂର୍ଣ୍ଣ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇପାରିଲା, ତେବେ ତାହାର ଏକ ନକଲ ମଧ୍ୟ ଉକ୍ତ ବିବରଣୀ ସହ ସଂଲଗ୍ନ କରି ସ୍ଥାନୀୟ ଗ୍ରାମପଞ୍ଚାୟତ ସମ୍ପାଦକ ମାଧ୍ୟମରେ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇବା ଆବଶ୍ୟକ । ଯଦି ହୋଇପାରି ନାହିଁ, ତେବେ ପୂର୍ବ ପାରାରେ ଯାହା ଉଲ୍ଲେଖ କରାଯାଇଅଛି, ସେହି ଅନୁସାରେ ପଲ୍ଲୀସଭାର ବିବରଣୀ ପ୍ରସ୍ତୁତ କରି, ତାହାର ଏକ ନକଲ ଗ୍ରାମପଞ୍ଚାୟତ ଓ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇବା ଆବଶ୍ୟକ ।

- ପଲ୍ଲୀସଭାର ବିବରଣୀ ପଲ୍ଲୀସଭା ନିମନ୍ତେ ଉଦ୍ଦିଷ୍ଟ ବୈଠକ ଖାତାରେ ଲେଖାଯାଇପାରେ ଅବା ଏକ ନୂତନ ଖାତାରେ ବିବରଣୀକୁ ମଧ୍ୟ ଲେଖାଯାଇପାରେ ।

- ବିବରଣୀର ମୂଳ ଲେଖା ଅବା ବିବରଣୀ ପଲ୍ଲୀସଭା ନିକଟରେ ରହିବା ବିଧେୟ । ପ୍ରଣୀତ ଆଇନ୍ ୨୦୦୬ ଓ ତଦ୍ ଅନ୍ତର୍ଗତ ନିୟମକୁ ଆଧାର କରାଯାଇ ଏକାଧିକ ପଲ୍ଲୀସଭା ଅବା ଜଙ୍ଗଲ ଅଧିକାର କମିଟିର ବୈଠକ ହୋଇପାରେ । ପ୍ରତ୍ୟେକ ବୈଠକର ବିବରଣୀର ଏକକିତା ନକଲ ଗ୍ରାମପଞ୍ଚାୟତର ସମ୍ପାଦକଙ୍କ ମାଧ୍ୟମରେ ଗ୍ରାମପଞ୍ଚାୟତ ଓ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇବା ବିଧେୟ । ପଲ୍ଲୀସଭା ଚାହିଁଲେ ତାହା ସିଧାସଳଖ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପଠାଇପାରିବ କିନ୍ତୁ ତାହାର ଏକକିତା ନକଲ ଗ୍ରାମପଞ୍ଚାୟତକୁ ପଠାଇବ ।

- ପଲ୍ଲୀସଭାରୁ ଅବା ପଲ୍ଲୀସଭା ତରଫରୁ ଜଙ୍ଗଲ ଅଧିକାର କମିଟି ଯଦି କୌଣସି ପତ୍ର ଅବା ଚିଠି କାହାକୁ ଦିଏ, ତେବେ ଚିଠିରେ ତାରିଖ ଓ ଚିଠିର ସଂଖ୍ୟା ଉଲ୍ଲେଖ ରହିବା ନିହାତି ଦରକାର ଏବଂ ପଲ୍ଲୀସ୍ତରରେ ଏକ ଡାକଖାତା ମଧ୍ୟ ରହିବା ଦରକାର ।

- ଜଙ୍ଗଲ ଅଧିକାର କମିଟି ଚାହିଁଲେ ସେମାନେ ମଧ୍ୟ ସ୍ୱତନ୍ତ୍ର ସଭାଖାତା ବ୍ୟବହାର କରିପାରିବେ ଓ ପ୍ରତ୍ୟେକ ବୈଠକର ବିବରଣୀକୁ ଲିପିବଦ୍ଧ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଉକ୍ତ କମିଟି ଗ୍ରାମପଞ୍ଚାୟତର ସମ୍ପାଦକଙ୍କ ସହଯୋଗ ନେଇ ପାରନ୍ତି ।

# ତୃତୀୟ ଅଧ୍ୟାୟ

## ଜଙ୍ଗଲ ଅଧିକାର କମିଟି ଗଠନ ବୈଠକରେ ଯୋଗଦେବାକୁ ଥିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ

ପ୍ରଣୀତ ଆଇନ୍‌ରେ ଗ୍ରାମସଭାକୁ (ଆମ ରାଜ୍ୟ ପାଇଁ "ପଲ୍ଲୀସଭା" ହେଉଛି "ଗ୍ରାମସଭା") ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ଦିଆଯାଇଥିବା ଦାୟିତ୍ୱ ମଧ୍ୟରେ ଜଙ୍ଗଲ ଅଧିକାର କମିଟି ଗଠନ, ଦାବୀଦାରଙ୍କ ନିକଟରୁ ଅଭିଯୋଗ ଅବା ଦାବୀ ପତ୍ର ଗ୍ରହଣ କରିବା, ତାହାକୁ ଯାଞ୍ଚ କରିବା ଓ ଦାବୀ ସମ୍ପର୍କୀତ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରି ଉପ-ଖଣ୍ଡସ୍ତରୀୟ କମିଟି ନିକଟରେ ଦାଖଲ କରିବା । ଏତଦ୍‌ବ୍ୟତିତ ଗୋଷ୍ଠୀଗତ ଅଧିକାର ନିର୍ଦ୍ଧାରଣ କରିବା, ଜଙ୍ଗଲ ସୁରକ୍ଷା ଓ ପରିଚାଳନା ପାଇଁ ଜଙ୍ଗଲ ସୁରକ୍ଷା କମିଟି ଗଠନ କରିବା ସହ ଜଙ୍ଗଲ ତଥା ବନଜାତ ଦ୍ରବ୍ୟ ନିମନ୍ତେ ଚିରନ୍ତନତାକୁ ଆଧାର କରି ପରିଚାଳନା ଯୋଜନା ତିଆରି କରିବା । ପୁନଶ୍ଚ ବନ୍ୟଜନ୍ତୁର ଆବାସସ୍ଥଳୀର ସୁରକ୍ଷା, ଦ୍ୱନ୍ଦ ସମାଧାନ, ଜଙ୍ଗଲ ଜମିର ପୁନଃ ଅଧିଗ୍ରହଣକୁ ରୋକିବା, ଜଙ୍ଗଲ ଅବା ବନ୍ୟଜନ୍ତୁର ସୁରକ୍ଷା ପ୍ରତି ଦେଖା ଦେଉଥିବା ସମସ୍ୟାକୁ ରୋକିବା, ସଙ୍କଟାପନ୍ନ ବନ୍ୟଜନ୍ତୁ ଅଞ୍ଚଳ ନିର୍ଦ୍ଧାରଣ ଓ ତତ୍ ସଂଲଗ୍ନ ବିସ୍ଥାପନ ଯୋଜନା ଆଦି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ଗ୍ରାମସଭାକୁ ଅର୍ପଣ କରାଯାଇଅଛି । ଏ ସମସ୍ତ କାର୍ଯ୍ୟଭାର ଗ୍ରାମସଭା ଯେପରି ସୁଚାରୂପେ ତୁଲାଇପାରିବ, ତାହାର ପଦକ୍ଷେପ ନେବାକୁ ଉଭୟ ଉପ-ଖଣ୍ଡସ୍ତରୀୟ ଓ ଜିଲ୍ଲାସ୍ତରୀୟ କମିଟିକୁ ଦାୟିତ୍ୱ ଦିଆଯାଇଛି । ଉପ-ଖଣ୍ଡସ୍ତରୀୟ କମିଟିକୁ ଦିଆଯାଇଥିବା ବିଭିନ୍ନ କାର୍ଯ୍ୟ ମଧ୍ୟରୁ "ଆବଶ୍ୟକୀୟ କୋରମ୍ ସହିତ ମୁକ୍ତ, ଅବାଧ ଓ ଉପଯୁକ୍ତ ଢଙ୍ଗରେ ଗ୍ରାମସଭା ବୈଠକଗୁଡ଼ୀକର ପରିଚାଳନା କରିବା" ଓ "ପ୍ରଣୀତ ଆଇନ୍ ଓ ନିୟମ ମଧ୍ୟରେ ଥିବା ବିଧିବ୍ୟବସ୍ଥା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିବା" ଅନ୍ୟତମ ଅଟେ ।

ପ୍ରଣୀତ ଆଇନ୍ ଓ ତଦ୍ ଅନ୍ତର୍ଗତ ନିୟମକୁ ଆଧାର କରି ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ପଲ୍ଲୀସଭା ମାଧ୍ୟମରେ ପ୍ରଣୀତ ଆଇନ୍ ଓ ନିୟମ ସଂପର୍କରେ ଲୋକମାନଙ୍କୁ ସଚେତନ କରିବା ସହ ଜଙ୍ଗଲ ଅଧିକାର କମିଟି ଗଠନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଅଛି ଯେ,

- ସାରା ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ପଲ୍ଲୀସଭା ଅନୁଷ୍ଠିତ ହେବ ।
- ପ୍ରଥମ ପର୍ଯ୍ୟାୟ ୧୬ ମାର୍ଚ୍ଚ ଓ ଦ୍ୱିତୀୟ ପର୍ଯ୍ୟାୟଟି ୨୩ ମାର୍ଚ୍ଚରେ ହେବ ।
- କେଉଁ କେଉଁ ତାରିଖରେ କେଉଁଠାରେ ପଲ୍ଲୀସଭା ଅନୁଷ୍ଠିତ ହେବ ତାହାର ଏକ ତାଲିକା ମାର୍ଚ୍ଚ ମାସ ୧ ତାରିଖ ସୁଦ୍ଧା ପ୍ରସ୍ତୁତ କରିବା ପାଇଁ ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।
- ଏତଦ୍‌ବ୍ୟତିତ ପ୍ରତ୍ୟେକ ପଲ୍ଲୀସଭାରେ ଯେପରି ଲୋକମାନେ ପ୍ରଣୀତ ଆଇନ୍ ଓ ନିୟମ ସଂପର୍କରେ ସଚେତନ ହୋଇପାରିବେ ଓ ପଲ୍ଲୀସଭାଗୁଡ଼ିକ ଯେପରି ଅବାଧ ଓ ମୁକ୍ତରେ ଅନୁଷ୍ଠିତ ହୋଇପାରିବ, ତାହାପାଇଁ ଏକ ବା ଏକାଧିକ ସରକାରୀ ଅଧିକାରୀମାନଙ୍କୁ ପଲ୍ଲୀସଭାରେ ଉପସ୍ଥିତ ରହିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି । କେଉଁ ପଲ୍ଲୀସଭାରେ କେଉଁ ଅଧିକାରୀମାନେ ଉପସ୍ଥିତ

ରହିବେ, ତାହାର ଏକ ତାଲିକା ମାର୍ଚ୍ଚ ୧ ତାରିଖ ସୁଦ୍ଧା ପ୍ରସ୍ତୁତ କରିବା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

## ପଲ୍ଲୀସଭାରେ ଯୋଗ ଦେଉଥିବା ଅଧିକାରୀଙ୍କ ଦାୟିତ୍ୱ:

ପଲ୍ଲୀସଭାରେ ଯୋଗ ଦେଉଥିବା ସରକାରୀ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱଗୁଡିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଉଛି, ପଲ୍ଲୀସଭା ଅନୁଷ୍ଠିତ ହେବା ପୂର୍ବର କାର୍ଯ୍ୟ ଓ ଦ୍ୱିତୀୟଟି ହେଉଛି, ପଲ୍ଲୀସଭା ସମୟର କାର୍ଯ୍ୟ ।

### ପଲ୍ଲୀସଭା ଅନୁଷ୍ଠିତ ହେବା ପୂର୍ବର କାର୍ଯ୍ୟ:

- ପଲ୍ଲୀସଭା ପାଇଁ ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ କୋରମ୍ ପୂରଣ ହୋଇଛି ନା ନାହିଁ, ତାହାକୁ ଦେଖିବା ।
- ଯଦି କୌଣସି ଆଦିମ ଆଦିବାସୀ ଅବା ପାରମ୍ପାରିକ ପଶୁପାଳକ ଅବା ଯାଯାବର ସଂପ୍ରଦାୟ ଅବା ପ୍ରାକ୍-କୃଷିଜୀବିର ଗୋଷ୍ଠୀ ଅନୁଷ୍ଠିତ ହେଉଥିବା ପଲ୍ଲୀରେ ବସବାସ କରୁଛନ୍ତି, ସେମାନେ ଉକ୍ତ ବୈଠକରେ ଉପସ୍ଥିତ ହୋଇଛନ୍ତି ନା ନାହିଁ, ତାହାକୁ ମଧ୍ୟ ଦେଖିବା ।
- କୋରମ୍ ଅନୁସାରେ ଆବଶ୍ୟକୀୟ ସଂଖ୍ୟକ ମହିଳାମାନେ ଉପସ୍ଥିତ ହୋଇଛନ୍ତି ନା ନାହିଁ, ତାହାକୁ ଦେଖିବା
- ପଲ୍ଲୀସଭା ଆୟୋଜନ କରିବା ପୂର୍ବରୁ ଯେଉଁ ପଦକ୍ଷେପମାନ ଗ୍ରହଣ କରିବା ଦରକାର, ତଦାନୁସାରେ ଗ୍ରହଣ କରାଯାଇଛି ନା ନାହିଁ । ଅର୍ଥାତ୍ ପଲ୍ଲୀସଭା ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖର ଅନ୍ତତଃ ୧୫ ଦିନ ପୂର୍ବରୁ ସରପଞ୍ଚ ପଲ୍ଲୀସଭା ପାଇଁ ନୋଟିସ୍ ଜାରିକରିଛନ୍ତି ନା ନାହିଁ ତାହାକୁ ଦେଖିବା ଅନ୍ତତଃ ଜରୁରୀ ଅଟେ । ସେହିପରି ପଲ୍ଲୀସଭା ସଂପର୍କରେ ଲୋକମାନଙ୍କୁ ଅବଗତ କରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ତାହାକୁ ମଧ୍ୟ ଦେଖିବା ଦରକାର ।
- ଉପରୋକ୍ତ ପଦକ୍ଷେପଗୁଡ଼ିକର ତଦାରଖ ପରେ ପଲ୍ଲୀସଭା ଆୟୋଜନ କରିବା ବିଧେୟ ।
- ଯଦି ଆବଶ୍ୟକୀୟ ସର୍ବନିମ୍ନ କୋରମ୍ ହେଉ ନାହିଁ, ସେପରି ସ୍ଥଳେ ବୈଠକକୁ ରଦ୍ଦ କରିବା ବାଞ୍ଛନୀୟ ।

### ପଲ୍ଲୀସଭା ଅନୁଷ୍ଠିତ ହେଉଥିବା ସମୟର କାର୍ଯ୍ୟ:

- ପ୍ରଣୀତ ଆଇନ୍ ଓ ନିୟମରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ସଂପର୍କରେ ଉପସ୍ଥାପନ କରିବା ।
- ଜଙ୍ଗଲ ଅଧିକାର କମିଟିର ଗଠନ ପ୍ରଣାଳୀ ଓ ତାହାର ଦାୟିତ୍ୱ ସଂପର୍କରେ ଲୋକମାନଙ୍କୁ ଅବଗତ କରାଇବା । (ନିୟମ ୨୦୦୭ର ୩, ୧୧ ଓ ୧୨ରେ ଜଙ୍ଗଲ ଅଧିକାର କମିଟିର ଗଠନ ଓ ଦାୟିତ୍ୱ ସଂପର୍କରେ ବର୍ଣ୍ଣନା କରାଯାଇଅଛି)

- ନିୟମ ୨୦୦୭ରେ ସଂଲଗ୍ନ ଦାବୀପତ୍ର କିପରି ପୂରଣ କରାଯିବ ଓ ଦାବୀପତ୍ର ଦାଖଲ କରିବା ସମୟରେ କେଉଁ କେଉଁ ନଥିର ଆବଶ୍ୟକତା ରହିଛି, ସେ ସଂପର୍କରେ ଲୋକମାନଙ୍କୁ ଅବଗତ କରାଇବା ।

- ସମସ୍ତ ଲୋକମାନେ ଯେପରି ଆଲୋଚନାରେ ଭାଗ ନେଇ ପାରିବେ, ତାହା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ।

- ଲୋକମାନଙ୍କ ତରଫରୁ ଆସୁଥିବା ପ୍ରଶ୍ନର ଉତ୍ତର ଦେବା ।

- ଜଙ୍ଗଲ ଅଧିକାର କମିଟି ପାଇଁ ସଦସ୍ୟା/ସଦସ୍ୟ ମନୋନୟନ ସମୟରେ ସମସ୍ତ ଲୋକ ଯେପରି ମତାମତ ଦେଇପାରିବେ, ତାହା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ।

- ଯଦି ସମ୍ଭବପର ହୁଏ, ତେବେ ପଲ୍ଲୀସଭାରେ ହିଁ ସର୍ବସମ୍ମତିକ୍ରମେ ଜଙ୍ଗଲ ଅଧିକାର କମିଟିର ଅଧକ୍ଷ ଓ ସମ୍ପାଦକଙ୍କୁ ଚୟନ କରିବା ଆବଶ୍ୟକ ।

- ଜଙ୍ଗଲ ଅଧିକାର କମିଟି ଗଠନ ହେବା ପରେ କେଉଁମାନେ ସଦସ୍ୟ ରୂପେ ମନୋନୀତ ହେଲେ ଓ ତାହାର ଅଧକ୍ଷ ଓ ସମ୍ପାଦକ ରୂପେ କିଏ ହେଲେ, ସେ ସଂପର୍କରେ ଲୋକମାନଙ୍କୁ ଅବଗତ କରାଇବା

- ଜଙ୍ଗଲ ଅଧିକାର କମିଟି ଗଠନ ହେବା ଦିନ ଦାବୀ ଆହ୍ୱାନ କରିବା ଆଇନ ଅନୁସାରେ ଅର୍ନିବାର୍ଯ୍ୟ ନୁହଁ । ଯଦି ସମ୍ଭବପର ହୁଏ, ତାହାହେଲେ ଉକ୍ତ ଦିନ କମିଟିର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବା ଦରକାର ।

- ଯଦି ଦାବୀ ଆହ୍ୱାନ କରାଯାଉଛି, ତେବେ ଲୋକମାନଙ୍କୁ ସୂଚିତ କରିବା ଦରକାର, ଫର୍ମ 'କ' କେଉଁଠାରେ ଓ କେବେ ସୁଦ୍ଧା ମିଳିବ ଓ କେଉଁ ତାରିଖ ସୁଦ୍ଧା ଲୋକମାନେ ତାଙ୍କର ଦାବୀପତ୍ର ଦାଖଲ କରିବେ, ସେ ସଂପର୍କରେ ଲୋକମାନଙ୍କୁ ଅବଗତ କରାଇବା ଦରକାର ।

- ଦାବୀପତ୍ର ଦାଖଲ କରୁଥିବା ଦାବୀଦାରଙ୍କ ଦାୟିତ୍ୱ ଓ ଅଧିକାର ସଂପର୍କରେ ଅବଗତ କରାଇବା ଦରକାର । ଯେପରି କି ପ୍ରାପ୍ତି ସ୍ୱୀକାର ପତ୍ର ପାଇବା ପ୍ରତ୍ୟେକ ଦାବୀଦାରଙ୍କ ଅଧିକାର ଅଟେ ଓ ଇତ୍ୟାଦି ।

- ପଲ୍ଲୀସଭା ବୈଠକ ଶେଷ ହେବା ପୂର୍ବରୁ ଉକ୍ତ ବୈଠକରେ ହୋଇଥିବା ଆଲୋଚନାର ସାରମର୍ମ ଓ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ସଂପର୍କରେ ପୁନଶ୍ଚ ଅବଗତ କରାଇବା ।

# ସହାୟିକା/ସହାୟକଙ୍କର ଦାୟିତ୍ୱ

ଜଙ୍ଗଲ ଅଧିକାର ଆଇନ୍ ଓ ତତ୍ ସମ୍ପର୍କୀତ ପ୍ରଣୀତ ନିୟମକୁ ନେଇ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ, ବ୍ୟକ୍ତିବିଶେଷ ଓ ଛାତ୍ର ସମାଜର ଏକ ବଳିଷ୍ଠ ଭୂମିକା ରହିଛି । ଏହି ନିକଟରେ ରାଜ୍ୟ ସରକାର ପ୍ରଣୀତ ଆଇନ୍ ଓ ନିୟମକୁ ଆଧାର କରି ଚାରୋଟି ନିର୍ଦ୍ଦେଶନାମା ଜାରି କରିଛନ୍ତି । ତନ୍‌ମଧ୍ୟରୁ ପଞ୍ଚାୟତି ରାଜ ବିଭାଗ ତରଫରୁ ଦୁଇଟି ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ବଳକା ଦୁଇଟି ନିର୍ଦ୍ଦେଶନାମା ଜାରି କରାଯାଇଅଛି । ଉକ୍ତ ନିର୍ଦ୍ଦେଶନାମାର ଏକକିତା ନକଲ ଏହି ପ୍ରଥମଭାଗ ମାର୍ଗଦର୍ଶିକା ସହ ସଂଯୁକ୍ତ କରାଯାଇଅଛି ।

ବର୍ତ୍ତମାନ ରାଜ୍ୟ ସାରା ପଲ୍ଲୀସଭା ଅନୁଷ୍ଠିତ ହେଉଛି । ଏହି ପଲ୍ଲୀସଭା ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, ପ୍ରଣୀତ ଆଇନ୍ ଓ ନିୟମ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ଓ ପ୍ରଣୀତ ନିୟମ ୨୦୦୭ର ଧାରା ୩ ଓ ଉପଧାରା (୧) ଅନୁସାରେ ଜଙ୍ଗଲ ଅଧିକାର କମିଟି ଗଠନ କରିବା । ଜଙ୍ଗଲ ଅଧିକାର କମିଟି କ'ଣ, ଏଥିରେ କେଉଁମାନେ ସଦସ୍ୟ ରହିପାରିବେ, ସର୍ବନିମ୍ନ ଓ ସର୍ବାଧିକ ସଦସ୍ୟଙ୍କ ସଂଖ୍ୟା କେତେ ହେବ ଓ ତାହା କିପରି ଭାବେ ଗଠନ ହେବ ଇତ୍ୟାଦି ସଂପର୍କରେ ପୂର୍ବରେ ବିଶଦ୍‌ଭାବେ ଉପସ୍ଥାପନା କରାଯାଇଛି । ଏହି ଭାଗରେ ଆପଣ ଜଣେ ସଚେତନ ନାଗରିକ ହିସାବରେ ଜଙ୍ଗଲ ଅଧିକାର କମିଟି ଗଠନ ପ୍ରକ୍ରିୟାରେ ଗ୍ରାମବାସୀମାନଙ୍କୁ କିପରି ସହାୟତା ପ୍ରଦାନ କରିପାରିବେ, ସେ ସଂପର୍କରେ ନିମ୍ନରେ ଉପସ୍ଥାପନ କରାଯାଇଅଛି ।

☞ ଆପଣ ସର୍ବପ୍ରଥମେ ପ୍ରଣୀତ ଆଇନ୍ ଓ ନିୟମକୁ ଭଲ ଭାବରେ ପଢନ୍ତୁ ଓ ବୁଝିବାକୁ ଚେଷ୍ଟା କରନ୍ତୁ । ଏଥି ସହ ରାଜ୍ୟ ସରକାରଙ୍କ ଦୁଇଟି ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାଗୁଡିକୁ ମଧ୍ୟ ପଢନ୍ତୁ ।

☞ ଯଦି ବୁଝିବାରେ କୌଣସି ସମସ୍ୟା ଦେଖାଯାଉଛି, ତାହାହେଲେ ବିଶେଷ ସୂଚନାରେ ଦିଆଯାଇଥିବା ସରକାରୀ ଅଧିକାରୀ ଅବା ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।

☞ ଆପଣ ଆପଣଙ୍କ ଜିଲ୍ଲାର ଜିଲ୍ଲାପାଳ, ଉପ-ଖଣ୍ଡ ଅଧିକାରୀ, ଜିଲ୍ଲା ଗ୍ରାମପଞ୍ଚାୟତ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରକଳ୍ପ ଅଧିକାରୀ, ଆଇଟିଡ଼ିଏ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କର ଫୋନ୍ ନମ୍ବର ଖାତାରେ ଟିପି ରଖନ୍ତୁ ।

☞ ପ୍ରଣୀତ ଆଇନ୍ ଓ ନିୟମ ଅନୁସାରେ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାସ୍ତରରେ ଗୋଟିଏ ଜିଲ୍ଲାସ୍ତରୀୟ କମିଟି ଓ ଉପ-ଖଣ୍ଡ ସ୍ତରରେ ଉପ-ଖଣ୍ଡସ୍ତରୀୟ କମିଟି ଗଠନ କରିବାକୁ ତା୧.୨.୨୦୦୮ ରିଖରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉକ୍ତ ନିର୍ଦ୍ଦେଶନାମା ଅନୁସାରେ ଏହି ଦୁଇ ସ୍ତରୀୟ କମିଟି ଗଠିତ ହେଲା ନା ନାହିଁ, ତାହା ଦେଖନ୍ତୁ । ଯଦି ଗଠିତ ହୋଇଥାଏ, ସେଥିରେ ଥିବା ସଦସ୍ୟମାନଙ୍କର ସଂପୂର୍ଣ୍ଣ ଯୋଗାଯୋଗ ଠିକଣା ସହ ଫୋନ୍ ନମ୍ବର ମଧ୍ୟ ଲିପିବଦ୍ଧ କରନ୍ତୁ । ତତ୍ ସହିତ ଗଠନ ସଂପର୍କରେ ଜାରି ହୋଇଥିବା ସରକାରୀ ବିଜ୍ଞପ୍ତିନାମାର ଏକକିତା ନକଲ ସଂଗ୍ରହ କରନ୍ତୁ । ଉପ-ଖଣ୍ଡସ୍ତରୀୟ କମିଟିର ବିଜ୍ଞପ୍ତିନାମା ସବ୍-କଲେକ୍ଟର କାର୍ଯ୍ୟାଳୟ ଓ ଜିଲ୍ଲାସ୍ତରୀୟ କମିଟି ଗଠନର ବିଜ୍ଞପ୍ତିନାମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଇପାରିବେ ।

☞ ସେହିପରି ଏହି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଅଛି ଯେ, ପଲ୍ଲୀସଭା କେବେ ଅନୁଷ୍ଠିତ ହେବ ଏବଂ ଉକ୍ତ ସଭାରେ କେଉଁ ଅଧିକାରୀମାନେ ଯୋଗ ଦେବେ, ତାହାର ଏକ ବିଧିବଦ୍ଧ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡ଼ିଓ)ଙ୍କୁ ଦାୟିତ୍ୱ ଦିଆଯାଇଅଛି । ଏବଂ ଏହି ତାଲିକା ମାର୍ଚ୍ଚ ମାସ ୧ ତାରିଖ ସୁଦ୍ଧା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ । ଆପଣ ନିକଟସ୍ଥ ବ୍ଲକ ଅଫିସ୍‌ରୁ ଉକ୍ତ ବ୍ଲକ୍ ଅଧିନରେ ଥିବା ସମସ୍ତ ପଲ୍ଲୀସଭା ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖ ସହ ଦାୟିତ୍ୱ ଅର୍ପଣ କରାଯାଇଥିବା ଅଧିକାରୀଙ୍କ ନାମ ଅବା ପଦବୀ ସହ ସଂପୂର୍ଣ୍ଣ ତାଲିକା ସଂଗ୍ରହ କରନ୍ତୁ । ଅଥବା ବ୍ଲକ୍ ଅଫିସ୍‌ର ନୋଟିସ୍ ବୋର୍ଡ଼ରେ ଉକ୍ତ ତାଲିକାକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଯିବା ପାଇଁ ବ୍ୟବସ୍ଥା ରହିଛି । ଆପଣ ନୋଟିସ୍ ବୋର୍ଡ଼ରୁ ମଧ୍ୟ ଏ ସଂମ୍ପର୍କୀତ ତଥ୍ୟ ସଂଗ୍ରହ କରିପାରିବେ । ସେହିପରି ଗ୍ରାମପଞ୍ଚାୟତ ସ୍ତରରେ ମଧ୍ୟ ଉକ୍ତ ଗ୍ରାମପଞ୍ଚାୟତ ଅଧିନରେ ଥିବା ସମସ୍ତ ପଲ୍ଲୀସଭାର ବୈଠକ ସଂମ୍ପର୍କୀତ ସବିଶେଷ ବିବରଣୀ ଅର୍ଥାତ୍ ବୈଠକର ତାରିଖ ଓ ସରକାରୀ କର୍ମଚାରୀଙ୍କ ନାମ/ପଦବୀ ଯିଏ କି ପଲ୍ଲୀସଭାରେ ଉପସ୍ଥିତ ରହିବେ ତାହାର ତଥ୍ୟ ପାଇପାରିବେ ।

☞ ଆପଣ ପଲ୍ଲୀସଭା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ପରେ ଗ୍ରାମପଞ୍ଚାୟତ ଅନୁସାରେ ଏକ ସାରଣୀ ପ୍ରସ୍ତୁତ କରନ୍ତୁ । ସାରଣୀର ଏକ ନମୁନା (ସାରଣୀ – କ) ଏହି ମାର୍ଗଦର୍ଶିକା ପୁସ୍ତିକାରେ ସଂଯୁକ୍ତ କରାଯାଇଅଛି ।

☞ ପଲ୍ଲୀସଭା ପୂର୍ବରୁ ଆପଣ ପ୍ରତ୍ୟେକ ଗାଁର ଭୋଟର ତାଲିକା ସଂଗ୍ରହ କରନ୍ତୁ । କାରଣ ଏହି ଭୋଟର ତାଲିକା ହିଁ ଏକ ମାତ୍ର ମାଧ୍ୟମ ଯାହା ଦ୍ୱାରା ଆପଣ ସର୍ବନିମ୍ନ କୋରମ୍ ହିସାବ କରିପାରିବେ ।

☞ ଭୋଟର ତାଲିକା ପାଇବା ପରେ, ଉକ୍ତ ଗାଁରେ କେତେ ଆଦିବାସୀ ଓ କେତେ ଅଣ-ଆଦିବାସୀ ଭୋଟର ଅଛନ୍ତି ତାହାର ସଂଖ୍ୟା ବାହାର କରନ୍ତୁ ।

☞ ବର୍ତ୍ତମାନ ଆପଣଙ୍କ ପାଖରେ ପଞ୍ଚାୟତ ଅଧିନରେ ଥିବା ସମସ୍ତ ଗ୍ରାମ ନାମ (ଉଭୟ ରାଜସ୍ୱ ଓ ଅଣ-ସର୍ଭେ ଗ୍ରାମ), ଭୋଟର ସଂଖ୍ୟା, ସର୍ବନିମ୍ନ କୋରମର ସଂଖ୍ୟା, ଗ୍ରାମପଞ୍ଚାୟତ ଦ୍ୱାରା ଜାରି କରାଯାଇଥିବା ନୋଟିସ୍ ଓ ପଲ୍ଲୀସଭା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ ଅଛି । ସମସ୍ତ ତଥ୍ୟକୁ 'ସାରଣୀ – କ' ରେ ଲେଖନ୍ତୁ ।

☞ ମନେରଖନ୍ତୁ ପଲ୍ଲୀସଭା ପୂର୍ବରୁ ଯଦି ଆପଣ ଏ ସମସ୍ତ ତଥ୍ୟ ସଂଗ୍ରହ କରି ସାରଣୀ 'କ'କୁ ପ୍ରସ୍ତୁତ କରିପାରିଲେ, ତେବେ ପଲ୍ଲୀସଭା ଦିନ ଆପଣଙ୍କୁ ଉକ୍ତ ସାରଣୀ ଅନେକ ସହାୟତା ପ୍ରଦାନ କରିବ । ଯେପରିକି:

- ପଲ୍ଲୀସଭାର ୧୫ ଦିନ ପୂର୍ବରୁ ନୋଟିସ୍ ହୋଇଛି ନା ନାହିଁ ସେ ସଂପର୍କରେ ଆପଣ ଜାଣି ପାରିବେ ।
- ଉକ୍ତ ସାରଣୀରୁ ଆପଣ ପଲ୍ଲୀସଭା ନିମନ୍ତେ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ କୋରମ୍ ବିଷୟରେ ଜାଣିପାରିବେ ।
- ଜଙ୍ଗଲ ଅଧିକାର କମିଟି ସମୟରେ କେତେ ଆଦିବାସୀ ଏବଂ କେତେ ମହିଳା ରହିବେ, ତାହା ମଧ୍ୟ ନିର୍ଣ୍ଣୟ କରିପାରିବେ ।

## ପଲ୍ଲୀସଭା ଦିନ ଆପଣଙ୍କ କାର୍ଯ୍ୟ:

☞ ପଲ୍ଲୀସଭା ଦିନ ଆପଣ ପ୍ରସ୍ତୁତ କରିଥିବା ସାରଣୀ ସହ ସଂଗୃହୀତ ତଥ୍ୟକୁ ନେଇ ଯାଆନ୍ତୁ ।

☞ ପଲ୍ଲୀସଭାରେ ଯୋଗ ଦେଇଥିବା ସରକାରୀ କର୍ମଚାରୀଙ୍କ ନାମ ଲିପିବଦ୍ଧ କରି ରଖନ୍ତୁ ।

☞ ପଲ୍ଲୀସଭା ଆରମ୍ଭ ହେବା ପୂର୍ବରୁ ଉପସ୍ଥିତ ଥିବା ଲୋକଙ୍କ ସଂଖ୍ୟା ଗଣନ୍ତୁ ଓ ଆପଣଙ୍କ ସାରଣୀରେ ଥିବା ସର୍ବନିମ୍ନ କୋରମ୍ ସହ ମିଳାନ୍ତୁ । ଯଦି ଆପଣଙ୍କ ଗଣନା ସାରଣୀର ସର୍ବନିମ୍ନ କୋରମ୍ ସହ ସମାନ ଅବା ଅଧିକ ହେଉଛି, ତାହାହେଲେ ପଲ୍ଲୀସଭା ଅନୁଷ୍ଠିତ ହୋଇପାରିବ ।

☞ ଯଦି କୋରମ୍ ହେଉନାହିଁ, ତାହାହେଲେ ଯୋଗ ଦେଇଥିବା ସରକାରୀ କର୍ମଚାରୀଙ୍କୁ ଜଣାନ୍ତୁ । ଯଦି ସମ୍ଭବପର ହୁଏ, ତାହାହେଲେ ଗ୍ରାମବାସୀଙ୍କ ସହ ଆଲୋଚନା କରି ଯୋଗ ଦେଇନଥିବା ଲୋକ ଯେପରି ଯୋଗ ଦେଇପାରିବେ, ତାହାର ବ୍ୟବସ୍ଥା କରନ୍ତୁ । ଯଦି ସମ୍ଭବ ହେଉନାହିଁ, ତାହାହେଲେ ବୈଠକ ବାତିଲ୍ କରିବା ପାଇଁ ସରକାରୀ କର୍ମଚାରୀଙ୍କୁ କୁହନ୍ତୁ ।

☞ ପଲ୍ଲୀସଭା ଅନୁଷ୍ଠିତ ହେଉଥିବା ଗ୍ରାମରେ ଯଦି କୌଣସି ଆଦିମ ଆଦିବାସୀ ଅବା ପାରମ୍ପରିକ ପଶୁପାଳକ ଅବା ଯାଯାବର ସଂପ୍ରଦାୟ ଅବା ପ୍ରାକ୍-କୃଷିଜୀବିର ଗୋଷ୍ଠୀ ଥାଆନ୍ତି, ସେମାନେ ଉକ୍ତ ବୈଠକରେ ଉପସ୍ଥିତ ହୋଇଛନ୍ତି ନା ନାହିଁ, ତାହାକୁ ମଧ୍ୟ ଦେଖନ୍ତୁ । ଯଦି ହୋଇନାହାନ୍ତି ତେବେ ପଲ୍ଲୀସଭାରେ ଯୋଗଦେଇଥିବା ସରକାରୀ କର୍ମଚାରୀଙ୍କୁ ଜଣାନ୍ତୁ ଓ ସେମାନଙ୍କର ଉପସ୍ଥିତିକୁ ସୁନିଶ୍ଚିତ କରାନ୍ତୁ ।

☞ ପଲ୍ଲୀସଭାରେ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬" ଓ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭' ରେ ଥିବା ବିଧିବ୍ୟବସ୍ଥା ସଂପର୍କରେ ବିଶଦ୍‌ଭାବେ ଉପସ୍ଥାପନ କରାଯିବ ବୋଲି ନିୟମ ୨୦୦୭ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଅଛି । ଏହି ଉପସ୍ଥାପନ ଉପସ୍ଥିତ ସରକାରୀ ପ୍ରତିନିଧି ଅବା ୱାର୍ଡ଼ମେମ୍ବର କରିପାରନ୍ତି । ଆପଣ ଦେଖନ୍ତୁ ସେ ସଂପର୍କରେ ଆଲୋଚନା ହେଉଛି ନା ନାହିଁ ।

☞ "ବୈଠକରେ ଯୋଗ ଦେଉଥିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ" ନାମକ ଏକ ଲେଖା ଏହି ମାର୍ଗଦର୍ଶିକାରେ ଲେଖା ଯାଇଛି । ତାହାକୁ ପଢନ୍ତୁ ଓ ତଦନୁସାରେ କାର୍ଯ୍ୟ ହେଉଛି ନା ନାହିଁ ତାହାକୁ ଲକ୍ଷ୍ୟ କରନ୍ତୁ ।

☞ ପଲ୍ଲୀସଭାରେ ଉପସ୍ଥିତ ଲୋକମାନେ ଯେପରି ଆଲୋଚନାରେ ଭାଗ ନେଇପାରିବେ, ତାହାକୁ ସୁନିଶ୍ଚିତ କରନ୍ତୁ

☞ ଜଙ୍ଗଲ ଅଧିକାର କମିଟି ଗଠନ ହେବା ସମୟରେ ଏହି ମାର୍ଗଦର୍ଶିକାରେ ଥିବା "ଜଙ୍ଗଲ ଅଧିକାର କମିଟିରେ କେତେଜଣ ସଦସ୍ୟା/ସଦସ୍ୟ ରହିବେ" ନାମକ ଶୀର୍ଷକ ପଢନ୍ତୁ ଓ ତଦ୍ ଅନୁସାରେ ହୋଇଛି ନା ନାହିଁ, ତାହା ଲକ୍ଷ୍ୟ କରନ୍ତୁ । ଯଦି ହୋଇନାହିଁ, ତାହାହେଲେ ଉପସ୍ଥିତ ଥିବା ସରକାରୀ କର୍ମଚାରୀଙ୍କ ସହ ଆଲେଚନା କରି ଆବଶ୍ୟକୀୟ ସଂଶୋଧନ କରନ୍ତୁ ।

☞ ମନେରଖନ୍ତୁ ଯଦି ଉକ୍ତ ଗ୍ରାମରେ କୌଣସି ଆଦିମ ଅଧିବାସୀ ଅବା ପାରମ୍ପାରିକ ପଶୁପାଳକ ଅବା ଯାଯାବର ସଂପ୍ରଦାୟ ଅବା ପ୍ରାକ୍-କୃଷିଜୀବିର ଗୋଷ୍ଠୀ ଥାଆନ୍ତି, ସେମାନଙ୍କର ପ୍ରତିନିଧିମାନେ ଯେପରି ଜଙ୍ଗଲ ଅଧିକାର କମିଟିରେ ରହିପାରିବେ, ତାହାକୁ ସୁନିଶ୍ଚିତ କରନ୍ତୁ ।

☞ ମହିଳା ମାନଙ୍କର ଭାଗୀଦାରିତା ଓ ଜଙ୍ଗଲ ଅଧିକାର କମିଟିରେ ସେମାନଙ୍କର ପ୍ରତିନିଧିତ୍ୱ ଯେପରି ରହିବ, ତାହାକୁ ସୁନିଶ୍ଚିତ କରନ୍ତୁ ।

☞ ଜଙ୍ଗଲ ଅଧିକାର କମିଟି ଗଠନ ହେବା ପରେ, ସେଥିରେ କେଉଁମାନେ ସଦସ୍ୟା/ସଦସ୍ୟ ରହିଲେ, ତାହା ପଲ୍ଲୀସଭାରେ ଯେପରି ପୁନର୍ବାର ଉପସ୍ଥାପିତ ହୋଇପାରିବ ଚେଷ୍ଟା କରନ୍ତୁ ।

☞ ଜଙ୍ଗଲ ଅଧିକାର କମିଟି, ତାହାର ଭବିଷ୍ୟ କାର୍ଯ୍ୟପନ୍ଥା ଅବା କାର୍ଯ୍ୟଖସଡ଼ା ପ୍ରସ୍ତୁତ ନକରିବା ପର୍ଯ୍ୟନ୍ତ, ଦାବୀ ଦାଖଲ ପାଇଁ ଆହ୍ୱାନ କରନ୍ତୁ ନାହିଁ । କାରଣ ଯେଉଁଦିନ ଦାବୀ ଆହ୍ୱାନ କରାଯିବ ତାହାର ୯୦ ଦିନ ମଧ୍ୟରେ ଜଙ୍ଗଲ ଅଧିକାର କମିଟି ଦାବୀଦାରଙ୍କ ଠାରୁ ଦାବୀପତ୍ର ସଂଗ୍ରହ ଓ ତାହାର ଯାଞ୍ଚ କରି ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରି ଉପ-ଖଣ୍ଡସ୍ତରୀୟ କମିଟି ନିକଟରେ ଦାଖଲ କରିବା ବିଧେୟ ବୋଲି ପ୍ରଣୀତ ଆଇନ୍ ଓ ନିୟମରେ ଉଲ୍ଲେଖ ରହିଛି । ତେଣୁ ଦାବୀ ଆହ୍ୱାନ କରାଯିବ ନା ନାହିଁ, ସେ ସଂପର୍କରେ ପଲ୍ଲୀସଭାରେ ଆଲୋଚନା କରି ନିଷ୍ପତ୍ତି ନେବାକୁ ଲୋକମାନଙ୍କୁ କୁହନ୍ତୁ । ଯଦି ପଲ୍ଲୀସଭାରେ ଉପସ୍ଥିତ ଥିବା ଲୋକମାନେ ରାଜି ହୁଅନ୍ତି, ତାହାହେଲେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା "ପଲ୍ଲୀସଭା ବିବରଣୀ"କୁ ପୂରଣ କରନ୍ତୁ । ଯଦି ଲୋକ ରାଜି ହେଉନାହାନ୍ତି, ତାହାହେଲେ ଉକ୍ତ ନମୁନା ବିବରଣୀର ଶେଷ ପାରାରେ ଲେଖାଯାଇଥିବା ଏହି ବାକ୍ୟକୁ କାଟି ଦିଅନ୍ତୁ । ***"ପୁନଶ୍ଚ ସର୍ବସମ୍ମତିକ୍ରମେ ସଂପୃକ୍ତ ସ୍ୱାର୍ଥଜନିତ ବ୍ୟକ୍ତିମାନେ ସେମାନଙ୍କର ଏହି ଅଧିକାର ନିମନ୍ତେ ଦାବୀମାନ ଆଜିଠାରୁ ଆସନ୍ତା ତିନିମାସ ମଧ୍ୟରେ ଜଙ୍ଗଲ ଅଧିକାର କମିଟି ନିକଟରେ ଦାଖଲ କରିବା ପାଇଁ ସ୍ଥିରୀକୃତ ହେଲା । ଏବଂ ଉକ୍ତ ଦାବୀ ଉପରେ ଆନୁସଂଗିକ ବିଚାର ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଙ୍ଗଲ ଅଧିକାର କମିଟିକୁ କ୍ଷମତାପନ୍ନ କରାଗଲା ।"*** ଏହା ପରିବର୍ତ୍ତେ ଲେଖିପାରନ୍ତି, **"ସର୍ବସମ୍ମତିକ୍ରମେ ଗଠିତ ହୋଇଥିବା ଜଙ୍ଗଲ ଅଧିକାର କମିଟିକୁ "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ର ଧାରା ୧୧ (କ) ବ୍ୟତିତ ଅନ୍ୟ ସମସ୍ତ ଅଧିକାର ପ୍ରଦାନ କରାଗଲା । ପଲ୍ଲୀସଭାରେ ଉପସ୍ଥିତ ଲୋକମାନଙ୍କ ଦ୍ୱାରା ନିଷ୍ପତ୍ତି ନିଆଗଲା ଯେ, ଜଙ୍ଗଲ ଅଧିକାର କମିଟି ତାହାର ଭବିଷ୍ୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ପରେ ତାହାକୁ ପୁନଶ୍ଚ ପଲ୍ଲୀସଭାରେ ଉପସ୍ଥାପନ କରିବେ ଓ ତାହା ଗୃହୀତ ହେବା ପରେ ଜଙ୍ଗଲ ଅଧିକାର ନିୟମ ୨୦୦୭ର ଧାରା ୧୧ (କ)କୁ ଲାଗୁ କରାଯିବ ଏବଂ ଏ ସଂକ୍ରାନ୍ତରେ ଉପ-ଖଣ୍ଡସ୍ତରୀୟ କମିଟିକୁ ଜଣାଇଦିଆଯିବ ।"**

☞ ଗ୍ରାମରେ ଯଦି କେହି ପାଠପଢା ଲୋକ ଅବା ଛାତ୍ର ଅଛନ୍ତି, ତାଙ୍କ ବିବରଣୀ ପ୍ରସ୍ତୁତ କରିବାକୁ କୁହନ୍ତୁ । ଯଦି ନାହାନ୍ତି, ଆପଣ ସ୍ୱଇଚ୍ଛାରେ ବିବରଣୀ ଲେଖିବାର ଦାୟିତ୍ୱ ନିଅନ୍ତୁ । ଯଦି ତାହା ହେଉନାହିଁ, ତେବେ ଯିଏ ବି ପଲ୍ଲୀସଭାର ବିବରଣୀ ପ୍ରସ୍ତୁତ କରୁଛନ୍ତି, ପଲ୍ଲୀସଭାର ଶେଷ ଭାଗରେ ଉପସ୍ଥାପନ କରିବା ପାଇଁ କୁହନ୍ତୁ ।

☞ ନିୟମ ଅନୁସାରେ ପଲ୍ଲୀସଭାର ବିବରଣୀ ପଲ୍ଲୀସଭାରେ ହିଁ ରହିବ । ପଲ୍ଲୀସଭାର ବିବରଣୀର ଏକ ନକଲ, ଗ୍ରାମପଞ୍ଚାୟତର ସମ୍ପାଦକଙ୍କୁ ହସ୍ତାନ୍ତର କରାଯିବ । ପଲ୍ଲୀସଭା ବିବରଣୀର ଏକ ନମୁନା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରସ୍ତୁତ କରାଯାଇଅଛି । ଉକ୍ତ ନମୁନା ଅନୁସାରେ ବିବରଣୀ ପ୍ରସ୍ତୁତ ହୋଇପାରେ ଅବା ଯାହା ଆଲୋଚନା ଓ ନିଷ୍ପତ୍ତି ନିଆଗଲା, ତାହାକୁ ଆଧାର କରି ବିବରଣୀ ପ୍ରସ୍ତୁତ ହୋଇପାରେ । ପଲ୍ଲୀସଭାର ବିବରଣୀ ପ୍ରସ୍ତୁତ କରିବା ସମୟରେ ଏହା ପୁର୍ବରୁ "ଜଙ୍ଗଲ ଅଧିକାର ଆହ୍ୱାନ" ସଂମ୍ପର୍କୀତ ଲେଖାକୁ ପଢନ୍ତୁ ଓ ସେ ସଂପର୍କରେ ଲୋକମାନଙ୍କୁ ଜଣାନ୍ତୁ ।

☞ ସେହିପରି ଜଙ୍ଗଲ ଅଧିକାର କମିଟିର ବିବରଣୀର ଏକ ନମୁନା ମଧ୍ୟ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି । ଉକ୍ତ ନମୁନା ଅନୁସାରେ ବିବରଣୀ ପ୍ରସ୍ତୁତ ହୋଇପାରେ ଅବା ଜଙ୍ଗଲ ଅଧିକାର କମିଟି ବୈଠକରେ ଯାହା ଆଲୋଚନା ଓ ନିଷ୍ପତ୍ତି ନିଆଗଲା, ତାହାକୁ ଆଧାର କରି ବିବରଣୀ ପ୍ରସ୍ତୁତ ହୋଇପାରେ । ଏହି ବିବରଣୀର ଏକକିତା ନକଲ ଜଙ୍ଗଲ ଅଧିକାର କମିଟିର ସମ୍ପାଦକ ଗ୍ରାମପଞ୍ଚାୟତର ସମ୍ପାଦକଙ୍କୁ ହସ୍ତାନ୍ତର କରିବେ ।

☞ ଯଦି ଆପଣ ଦେଖୁଛନ୍ତି, 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬", 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭' ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ସମସ୍ତ ବିଜ୍ଞପ୍ତି ଅନୁସାରେ କାର୍ଯ୍ୟ ହେଉନାହିଁ, ତାହାକୁ ଗ୍ରାମପଞ୍ଚାୟତର ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସବ୍-କଲେକ୍ଟର, ଜିଲ୍ଲାପାଳ, ଉପ-ଖଣ୍ଡସ୍ତରୀୟ କମିଟିର ସଦସ୍ୟ, ଜିଲ୍ଲାସ୍ତର କମିଟିର ସଦସ୍ୟମାନଙ୍କୁ ଲିଖିତଭାବେ ଜଣାନ୍ତୁ ।

# ସାରଣୀ – କ

ଗ୍ରାମ ପଞ୍ଚାୟତର ନାମ:

ସବ୍‌ଡିଭିଜନ୍‌ର ନାମ:

ବ୍ଲକର ନାମ:

ଜିଲ୍ଲା:

ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ପଲ୍ଲୀସଭା କରିବା ନିମନ୍ତେ ଗ୍ରାମପଞ୍ଚାୟତକୁ ଜାରି କରାଯାଇଥିବା ଚିଠି:

ଚିଠିର ନମ୍ବର:

ତାରିଖ:

ଗ୍ରାମପଞ୍ଚାୟତ ଦ୍ୱାରା ଗ୍ରହଣ କରାଯାଇଥିବା ତାରିଖ: (କେଉଁ ଦିନ ଗ୍ରାମପଞ୍ଚାୟତ ପଲ୍ଲୀସଭା କରିବା ନିମନ୍ତେ ବ୍ଲକ ଅଫିସ୍‌ରୁ ଚିଠି ପାଇଲେ ?)

ତାରିଖ:

ଗ୍ରାମପଞ୍ଚାୟତ ଦ୍ୱାରା ପଲ୍ଲୀସଭା ଅନୁଷ୍ଠିତ କରିବା ନିମନ୍ତେ କେବେ ନୋଟିସ୍ ଜାରି କରାଯାଇଥିଲା ?

ନୋଟିସ୍ ନଂ:

ତାରିଖ:

# ପଲ୍ଲୀର ବିବରଣୀ:

| ପଲ୍ଲୀର ନାମ | କେଉଁ ତାରିଖରେ ପଞ୍ଚାୟତର ନୋଟିସ୍ ପାଇଥିଲେ | ପଲ୍ଲୀସଭା ତାରିଖ | ମୋଟ ଭୋଟର ସଂଖ୍ୟା: | | | ଆଦିବାସୀ ଭୋଟର ସଂଖ୍ୟା: | ଅନ୍ୟାନ୍ୟ ଆଦିମ ଅଧିବାସୀ ଭୋଟର ସଂଖ୍ୟା: | କୋରମ୍ | ମୋଟ ଉପସ୍ଥିତ ଲୋକ ସଂଖ୍ୟା |
|---|---|---|---|---|---|---|---|---|---|
| | | | ପୁରୁଷ | ମହିଳା | ମୋଟ | | | | |
| ମୁଣ୍ଡଗୁଡ଼ା | ୧୦.୨.୨୦୦୮ | ୧୩.୨.୨୦୦୮ | ୬୫ | ୫୮ | ୧୨୩ | ୨୫ | ୯୮ | ୮୨ | ୫୩ |
| | | | | | | | | | |
| | | | | | | | | | |
| | | | | | | | | | |

**କୋରମ୍ ହିସାବ ପ୍ରଣାଳୀ:** $\dfrac{\text{ମୋଟ ଭୋଟର ସଂଖ୍ୟା} \times ୨}{୩} = ?$

**ଭୋଟର ସଂଖ୍ୟା: ପଞ୍ଚାୟତ ଅଫିସ୍‌ରୁ ମିଳିପାରିବ ।**

**ଉପରୋକ୍ତ ଉଦାହରଣକୁ ଯଦି ଆମେ ବିଶ୍ଳେଷଣ କରିବା, ତାହାହେଲେ ଜଣାପଡେ ଯେ, ୧୫ ଦିନ ପୂର୍ବରୁ ନୋଟିସ୍ ଜାରି କରାଯାଇ ନାହିଁ ଓ ସର୍ବନିମ୍ନ କୋରମ୍ (ଦୁଇ-ତୃତୀୟାଂଶ) ଅନୁସାରେ ୮୨ ଜଣ ଲୋକ ଉପସ୍ଥିତ ରହିବା ଦରକାର କିନ୍ତୁ ଗଣନା ଅନୁସାରେ ମାତ୍ର ୫୩ ଲୋକ ଉପସ୍ଥିତ ଅଛନ୍ତି । ସହାୟକ/ସହାୟିକା ଉକ୍ତ ବିଶ୍ଳେଷଣକୁ ସରକାରୀ ଅଧିକାରୀଙ୍କୁ ଦେଖାଇ, ପଲ୍ଲୀସଭାକୁ ପୂନର୍ବାର ଆହ୍ୱାନ କରିବା ପାଇଁ କହିପାରିବେ ଅବା ସମସ୍ତ ଲୋକ ନ ଆସିବା ପର୍ଯ୍ୟନ୍ତ ବୈଠକ ନକରିବାକୁ ମଧ୍ୟ କହିପାରିବେ**

# ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାର ସ୍ୱୀକୃତି ସମ୍ବନ୍ଧରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା

୧. ପୈତୃକ ସମ୍ପତ୍ତି ଓ ବାସସ୍ଥଳୀ ଉପରେ ପାରମ୍ପରିକ ଅଧିକାର ପାଇବା ନିମନ୍ତେ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ଚିହ୍ନଟ କରି ସେମାନଙ୍କର ଅଧିକାରକୁ ସ୍ୱୀକୃତି ଦେଇ ନଥିଭୁକ୍ତ କରିବା ନିମନ୍ତେ ଭାରତ ସରକାର ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬ ଓ ତତ୍‌ଅର୍ନ୍ତଗତ ନିୟମ ୨୦୦୭ ପ୍ରଣୟନ କରିଛନ୍ତି ।

୨. ଏହି ଆଇନ୍ ତା ୧,୧,୨୦୦୮ ରିଖ ଠାରୁ ଜାମ୍ମୁ – କାଶ୍ମୀର ରାଜ୍ୟ ବ୍ୟତିତ ସମଗ୍ର ଦେଶରେ ଲାଗୁ ହୋଇଛି ।

୩. ଜଙ୍ଗଲ ଅଧିକାର କ୍ଷମତା ପ୍ରଦାନ ନିମନ୍ତେ କର୍ତ୍ତୃତ୍ୱ ଓ କାର୍ଯ୍ୟପନ୍ଥା ଆଇନ୍‌ର ୪ର୍ଥ ପରିଚ୍ଛଦରେ ବର୍ଣ୍ଣିତ ହୋଇଛି ।

୪. ଗ୍ରାମପଞ୍ଚାୟତମାନଙ୍କ ଦ୍ୱାରା ପଲ୍ଲୀ ସଭା ଆହୂତ କରାଯିବ ।

୫. ପଲ୍ଲୀସଭା ଏହାର ପ୍ରଥମ ବୈଠକରେ ସଭ୍ୟ/ସଭ୍ୟାମାନଙ୍କ ମଧ୍ୟରୁ ଅତିକମ୍‌ରେ ୧୦ ଜଣ ଓ ଅତି ବେଶୀରେ ୧୫ ଜଣଙ୍କୁ ବାଛି "ଜଙ୍ଗଲ ଅଧିକାର କମିଟି" ନାମରେ ଏକ କମିଟି ଗଠନ କରିବେ ।

୬. ଏହି କମିଟି ଏଭଳି ଭାବରେ ଗଠନ କରିବେ ଯେପରି ଏହାର ଏକ ତୃତୀୟାଂଶ ସଦସ୍ୟ ଅନୁସୂଚିତ ଜନଜାତି ହୋଇଥିବେ ଏବଂ କମିଟିରେ ଏକ ତୃତୀୟାଂଶ ମହିଳା ସଦସ୍ୟା ଥିବେ ।

୭. ଯେଉଁଠାରେ ଅନୁସୂଚିତ ଜନଜାତି ନଥିବେ ସେଠାରେ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳାମାନଙ୍କୁ ନେଇ କମିଟି ଗଠନ କରାଯାଇପାରିବ ।

୮. ପଲ୍ଲୀସଭା "ଜଙ୍ଗଲ ଅଧିକାର କମିଟି"କୁ ସମ୍ପୃକ୍ତ ସ୍ୱାର୍ଥଜଡ଼ିତ ବ୍ୟକ୍ତିମାନଙ୍କ ଠାରୁ ଜଙ୍ଗଲ ଅଧିକାର ଦାବି ସମ୍ପର୍କୀୟ ଦରଖାସ୍ତ ଗ୍ରହଣ ଏବଂ ତାହା ଉପରେ ବିଚାରବିମର୍ଷ କରି ପଲ୍ଲୀସଭାରେ ବିଚାର ନିମନ୍ତେ ଉପସ୍ଥାପନା କରିବା ପାଇଁ କ୍ଷମତାପନ୍ନ କରିବେ ।

୯. "ଜଙ୍ଗଲ ଅଧିକାର କମିଟି" ସେମାନଙ୍କ ମଧ୍ୟରୁ ଜଣକୁ କମିଟିର ସଭାପତି ଏବଂ ଅନ୍ୟଜଣକୁ କମିଟିର ସେକ୍ରେଟେରୀ ରୂପେ ଚୟନ କରିବେ, ଏ ସମ୍ପର୍କୀୟ ସୂଚନା ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟିକୁ ପ୍ରେରଣ କରିବେ ।

୧୦. "ଜଙ୍ଗଲ ଅଧିକାର କମିଟି" ଜଙ୍ଗଲ ଅଧିକାର ଦାବି କରୁଥିବା ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଗ୍ରହଣ କରି ତାହାର ଲିଖିତ ପ୍ରାପ୍ତି ସ୍ୱୀକାର କରିବେ । ଦରଖାସ୍ତକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରିବେ ।

୧୧. "ଜଙ୍ଗଲ ଅଧିକାର କମିଟି" ଦାବିଗୁଡ଼ିକୁ ତଦାରଖ କରି ସେମାନଙ୍କର ଏ ସମ୍ବନ୍ଧୀୟ ତଥ୍ୟ ପଲ୍ଲୀସଭାର ନିଷ୍ପତ୍ତି ନିମନ୍ତେ ଉପସ୍ଥାପନା କରିବେ ।

୧୨. ପଲ୍ଲୀସଭା, ଜଙ୍ଗଲ ଅଧିକାର କମିଟି ଦ୍ୱାରା ଉପସ୍ଥାପିତ ଦାବି/ ଅଭିଯୋଗଗୁଡ଼ିକୁ ବିଚାର କରୁଥିବା ସମୟରେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏକ ସ୍ୱାର୍ଥଜଡିତ ଆଗ୍ରହୀ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଶୁଣାଣି ପାଇଁ ଯଥୋଚିତ ସୁଯୋଗ ଦେବେ ।

୧୩. ଉପରୋକ୍ତ ଶୁଣାଣି ପରେ ପଲ୍ଲୀସଭା ଦାବି ସମ୍ବନ୍ଧରେ ଉପଯୁକ୍ତ ପ୍ରସ୍ତାବ ଗ୍ରାମ ପଞ୍ଚାୟତ ସମ୍ପାଦକଙ୍କ ମାଧ୍ୟମରେ ଉପଖଣ୍ଡ ସ୍ତରୀୟ ଜଙ୍ଗଲ ଅଧିକାର କମିଟିକୁ ବିଚାର ନିମନ୍ତେ ପଠାଇବେ ।

୧୪. ପଲ୍ଲୀସଭାଗୁଡ଼ିକର କୋରମ୍ ପାଇଁ ଦୁଇ-ତୃତୀୟାଂଶ ଠାରୁ ଅଧିକ ସଭ୍ୟ/ସଭ୍ୟାମାନଙ୍କୁ ଉପସ୍ଥିତ ରହିବା ଆବଶ୍ୟକ ।

୧୫. ପଲ୍ଲୀସଭାଗୁଡ଼ିକୁ ମୁକ୍ତ ଅବାଧ କରିବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି । ଏଥିନିମିତ୍ତ ମୁଖ୍ୟଶାସନ ସଚିବ ଜିଲ୍ଲାପାଳମାନଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ତା ୧୫.୦୨.୨୦୦୮ ରିଖରେ ନିର୍ଦ୍ଦେଶ ପ୍ରେରଣ କରିଛନ୍ତି । ଆସନ୍ତା ତା ୧୬.୦୩.୨୦୦୮ ରିଖ ଏବଂ ତା୨୩.୦୩.୨୦୦୮ ରିଖରେ ଦୁଇଟି ପର୍ଯ୍ୟାୟରେ ସମଗ୍ର ରାଜ୍ୟରେ ପଲ୍ଲୀସଭା ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିନିମନ୍ତେ ସରପଞ୍ଚ ଓ ମଣ୍ଡଳ ଉନ୍ନୟନ ଅଧିକାରୀମାନଙ୍କୁ ପଲ୍ଲୀସଭାଗୁଡ଼ିକୁ ସଫଳଭାବେ ଅନୁଷ୍ଠିତ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପଞ୍ଚାୟତିରାଜ ବିଭାଗପତ୍ର ସଂଖ୍ୟା ୯୧୫୩ ତା ୨୬.୦୨.୨୦୦୮ ରିଖ ଏବଂ ତତ୍‌ଅର୍ନ୍ତଗତ ଜ୍ଞାପକ ସଂଖ୍ୟାରେ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମ ପଞ୍ଚାୟତ, ପଲ୍ଲୀସଭା ଏବଂ ପ୍ରସ୍ତାବିତ "ଜଙ୍ଗଲ ଅଧିକାର କମିଟି"ର କାର୍ଯ୍ୟକୁ ସହଜ କରିବା ପାଇଁ ପଲ୍ଲୀସଭା ଡାକିବା ପାଇଁ ନୋଟିସ୍‌ର ନମୁନା, ପଲ୍ଲୀସଭା ବିବରଣୀର ନମୁନା ଏବଂ ଜଙ୍ଗଲ ଅଧିକାର କମିଟିର ବୈଠକ ବିବରଣୀର ନମୁନା ପ୍ରସ୍ତୁତ କରାଯାଇ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରେରଣ କରାଯାଇଅଛି । ପଲ୍ଲୀସଭା ଉକ୍ତ ଦିନ "ଜଙ୍ଗଲ ଅଧିକାର କମିଟି" ଗଠନ କରିବେ ଏବଂ ଜଙ୍ଗଲ ଅଧିକାର କମିଟି ସେହିଦିନ ସେମାନଙ୍କ ମଧ୍ୟରୁ କମିଟିର ସଭାପତି ଓ ସେକ୍ରେଟେରୀ ଚୟନ କରିବା ପାଇଁ ପରାମର୍ଶ ଦିଆଯାଇଅଛି ।

ପଲ୍ଲୀସଭାମାନଙ୍କରେ ସମ୍ପୃକ୍ତ ପଲ୍ଲୀବାସୀମାନେ ବହୁସଂଖ୍ୟାରେ ଯୋଗଦାନ କରି ଏହି ମହତ୍ କାର୍ଯ୍ୟକୁ ସଫଳ କରନ୍ତୁ ।

**ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ତା ୨୯.୦୨.୨୦୦୮ ରିଖରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ (ସମ୍ବାଦ, ପୃଷ୍ଠା – ୧୨ )**

# ବିଶେଷ ସୂଚନା

ଆପଣ ଏହି ଲେଖାଟି ପଢିବା ପୂର୍ବରୁ -

- ସର୍ବପ୍ରଥମେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ – ୨୦୦୬" ଓ "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ – ୨୦୦୭"କୁ ଭଲ ଭାବରେ ପଢନ୍ତୁ ।

- ରାଜ୍ୟରେ କାର୍ଯ୍ୟକରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା 'ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ' ଦ୍ୱାରା ମୂଳ ଇଂରାଜୀ ଆଇନ୍ ଓ ନିୟମର ଓଡ଼ିଆ ଭାଷାରେ ଅନୁବାଦ କରାଯାଇଅଛି ।

- ଏତଦ୍‌ବ୍ୟତିତ ରାଜ୍ୟ ସରକାରଙ୍କ ଏକ ଅନୁଷ୍ଠାନ 'ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର' ଦ୍ୱାରା ମଧ୍ୟ ଉଭୟ ଆଇନ୍ ଓ ନିୟମର ଓଡ଼ିଆ ଭାଷାରେ ଅନୁବାଦ କରାଯାଇଅଛି ।

- ଏଥିସହ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ତା୧.୦୨.୨୦୦୮ରିଖ ଓ ୧୫.୨.୨୦୦୮ରିଖରେ ଓ ପଞ୍ଚାୟତିରାଜ ବିଭାଗ ତରଫରୁ ତା୨୧,୨.୨୦୦୮ ଓ ତା୨୬.୦୨.୨୦୦୮ରିଖରେ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ମଧ୍ୟ ପଢନ୍ତୁ ।

- ଯଦି ବୁଝିବା ଦିଗରେ କୌଣସି ସମସ୍ୟା ସୃଷ୍ଟି ହେଉଛି, ତାହାହେଲେ ଆପଣ ଆପଣ ନିଜ ଜିଲ୍ଲାର ଜିଲ୍ଲାପାଳ ଅବା ଉପ-ଜିଲ୍ଲାପାଳ ଅବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବା ଜିଲ୍ଲା ମଙ୍ଗଳ ଅଧିକାରୀ ଅବା ପ୍ରକଳ୍ପ ଅଧିକାରୀ, ଆଇଟିଡ଼ିଏଙ୍କ ସହ ଯୋଗାଯୋଗ କରିପାରନ୍ତି ।

- କିମ୍ବା ଏଠାରେ ଦିଆଯାଇଥିବା ଯେକୌଣସି ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି । (୯୪୩୭୧ ୧୦୯୧୫ ଅବା ୯୪୩୭୦ ୮୨୧୬୫ ଅବା ୯୮୬୧୦ ୪୮୮୮ ଅବା ୯୪୩୭୯ ୦୬୪୩୮ ଅବା ୯୪୩୭୬ ୨୯୩୭୫ ଅବା ୦୬୭୪ – ୨୫୪୨୦୧୧/ ୨୫୪୨୦୧୨/ ୨୫୪୨୦୨୮)

# ଲେଖିକା/ଲେଖକ ବୃନ୍ଦ

| | | |
|---|---|---|
| ଭୋଲେଶ୍ୱର ପ୍ରଧାନ<br>ବଡ଼ରମା ବିକାଶ ପରିଷଦ<br>ଟିକିବା, ସମ୍ବଲପୁର | ହେମନ୍ତ ନାଏକ<br>ପିଏ ନେଟୱାର୍କ,<br>ସତ୍ୟ ସାଇନଗର, ମେଡ଼ିକାଲ ପଛ<br>ନୂଆପଡ଼ା | ବିଜୟ କବି<br>ଆପୁଆ,<br>ହାଟପାଟଣା, ପୋ: କଦଳୀବଣ<br>କେନ୍ଦ୍ରାପଡ଼ା |
| ବିଶ୍ୱନାଥ ଟୁଙ୍ଗ୍<br>କୁଚିଣ୍ଡା, ସମ୍ବଲପୁର | ଦୁର୍ଯ୍ୟୋଧନ ମାଝି<br>ସୁନାବେଢା ସଂରକ୍ଷଣ ବାହିନୀ<br>କେରିମେଲୀ, ପୋ: ତନ୍ୱାତ୍<br>ନୂଆପଡ଼ା | ବିଷ୍ଣୁ ପୂର୍ତ୍ତୀ<br>ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି<br>ବୁଢୀଖମାରୀ, ମୟୂରଭଞ୍ଜ |
| ବିଭୂତି ଭୂଷଣ ପ୍ରଧାନ<br>ବାରକୋଟ, ଦେବଗଡ଼ | ମନୋହର ଚୌହାନ୍<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର | ଜୟବ ପାରଶତ୍<br>ନିର୍ମାଣ<br>ଆମ୍ବେଦକର ନଗର,<br>ପୋ: ମହନା, ଗଞ୍ଜାମ |
| ହୃଦାନନ୍ଦ ସାହୁ<br>ଜିଲ୍ଲା ଜଙ୍ଗଲ ମଞ୍ଚ<br>ଚନ୍ଦନଖୁଣ୍ଟି, ଖଣ୍ଡଳ<br>ଦେବଗଡ଼ | ରଶ୍ମୀରାଣୀ ବଳବନ୍ତରାୟ<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର | ଶିଶିର୍ ଚନ୍ଦ୍ର ନାୟକ<br>ବିକଳ୍ପ<br>ନିଶାନ୍ତ ନିବାସ, ଧରମପୁର<br>ଗୋପାଳପୁର, ଗଞ୍ଜାମ |
| ଜିତେନ୍ଦ୍ର କୁମାର ସାହୁ<br>ମାର୍ଫତ୍: ଗୁରୁବନ କହଁର<br>ଫୁଲବାଣୀ ସାହି, ପୋ: କଣ୍ଟାକୁର<br>ପଡ଼ା, ଫୁଲବାଣୀ | ତୁଷାର ଦାଶ<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର | ବିଚିତ୍ରାନନ୍ଦ ବିଶ୍ୱାଳ<br>ଏସ୍.ଟି.ଏ.ପି<br>ଗୁଣ୍ଡଳବା, ଅସ୍ତରଙ୍ଗ<br>ପୁରୀ |
| ମାରୁତି ଚୌଧୁରୀ<br>ବନଜା ବାଣିଜ୍ୟ ସଂଘ<br>କୁଚିଣ୍ଡା, ସମ୍ବଲପୁର | ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ<br>ବସୁନ୍ଧରା<br>ରଣପୁର, ନୟାଗଡ଼ | ଧର୍ମାନନ୍ଦ ମଳିକ<br>ପୀରଜାହାନିଆ ବନ ସୁରକ୍ଷା<br>ସମିତି, ପୀରଜାହାନିଆ<br>ଅସ୍ତରଙ୍ଗ, ପୁରୀ |
| ଅରୁନ୍ଧତୀ ଜେନା<br>ନିର୍ମାଣ,<br>ଗ୍ରାମ/ପୋ: ବିରୁଢା<br>ନୟାଗଡ଼ | ଭାରତୀ ଚକ୍ର<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର | ଦୁଷ୍ମନ୍ତ ପ୍ରଧାନ<br>ବଡ଼ରମା ବିକାଶ ପରିଷଦ<br>କୋରେଇବାହାଲ<br>ସମ୍ବଲପୁର |
| ନିହାର ରଞ୍ଜନ ମିଶ୍ର<br>ଏ/୭୪, ସେକ୍ଟର – ୪, ରାଉରକେଲା<br>ସୁନ୍ଦରଗଡ଼ | ପୁଷ୍ପାଞ୍ଜଳୀ ଶତପଥୀ<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର | ଶ୍ୱେତା ମିଶ୍ର<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର |
| ଅଜୟ ମହାନ୍ତି<br>ସେବା ଭାରତୀ<br>ମୁଣ୍ଡିଗୁଡ଼ା, ଭାୟା: ତୁମୁଡିବନ୍ଧ<br>କନ୍ଧମାଳ | ସୁଜାତା ଦାସ<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର | ୱାଇ ଗିରି ରାଓ<br>ବସୁନ୍ଧରା<br>ପ୍ଲଟ୍ ନଂ – ୧୫, ସହିଦ୍ ନଗର<br>ଭୁବନେଶ୍ୱର |
| ପ୍ରସନ୍ନ ପଣ୍ଡା<br>ସଭାପତି, ନୟାଗଡ଼ ଜଙ୍ଗଲ ସୁରକ୍ଷା<br>ମହାସଂଘ, ନୟାଗଡ଼ | ଦାଶରଥି ସେନାପତି<br>ଏଲ୍/୨୨୯, ଫେଜ୍ – ୪<br>ଡୁମ୍ଡୁମା ହାଉସିଂ ବୋର୍ଡ଼ କଲୋନୀ<br>ଭୁବନେଶ୍ୱର | |